# ଧରିତ୍ରୀ
DHARITRI

ଢେଙ୍କାନାଳ-ଅନୁଗୋଳ, ମଙ୍ଗଳବାର, ଅଗଷ୍ଟ ୨୮/୨୦୧୮ (୨୦ ପୃଷ୍ଠା) | Dhenkanal-Angul, Tuesday, August 28 /2018 | ★★★★★

୧୪ଶ ଭାଗ ୧୯୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-



DSPL - 137

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,
ଓଡ଼ିଶା ସରକାର

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା

ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା
ଓଡ଼ିଶା ସରକାର

୧୫ ଅଗଷ୍ଟ ୨୦୧୮ରୁ

ମାଗଣା ସରକାରୀ ସ୍ୱାସ୍ଥ୍ୟ ସେବା
ସୁବିଧା ଦ୍ୱାରା ଉପ କେନ୍ଦ୍ର ଠାରୁ
ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ
ଉପକୃତ ହେବେ
ସମସ୍ତ ୪.୫ କୋଟିରୁ ଊର୍ଦ୍ଧ୍ୱ ଲୋକ

୮୫୦୦ ରୁ ଊର୍ଦ୍ଧ୍ୱ ସରକାରୀ ଚିକିତ୍ସାଳୟରେ
ମାଗଣାରେ ସ୍ୱାସ୍ଥ୍ୟ ସେବା ସୁବିଧା

ଟୋଲ୍ ଫ୍ରୀ ନମ୍ବର - ୧୫୫୩୬୯
ସକାଳ ୬ଟା ରୁ ରାତି ୧୦ଟା



10001/13/0016/1819

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା | ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା

## ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲା କଳାକାର ସଂଘ

# ସଂକୀର୍ତ୍ତନ ମାଧ୍ୟମରେ କଲେ ପ୍ରତିବାଦ

**ଅନୁଗୋଳ ଅଫିସ, ୨୭।୮**

୩୨ ଦଫା ଦାବି ନେଇ ଅନୁଗୋଳ ଜିଲା ପାଲଲହଡ଼ା ଓ କଣିହାଁ ବ୍ଲକର ହଜାର ହଜାର କଳାକାର ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। କଳାକାରମାନଙ୍କୁ ଅଣଦେଖା

- ଉପସ୍ଥାପନ କଲେ ୩୨ ଦଫା ଦାବି
- ଆଇନରେ ପରିବର୍ତ୍ତନର ପୁନର୍ବିଚାର କରନ୍ତୁ
- ସରକାରୀ କଲ୍ୟାଣ ଯୋଜନାରେ ସାମିଲ କରାଯାଉ


ଆନ୍ଦୋଳନରେ ସାମିଲ କଳାକାରମାନେ।

କରାଯିବା ସହ ସେମାନଙ୍କ ମୌଳିକ ଅଧିକାର ଓ ସରକାରୀ ଯୋଜନାରେ ସମ୍ପୃକ୍ତ କରା ନ ଯିବାର ପ୍ରତିବାଦରେ ଏହି ଆନ୍ଦୋଳନ କରାଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

ଜିଲାର କଣିହାଁ ଓ ପାଲଲହଡ଼ା ବ୍ଲକ କଳା ସଂସ୍କୃତି ସଂଘରେ ପଞ୍ଜୀକୃତ ୭୬୩ ଲୋକକଳା ଦଳର ଦଳପତି ଏବଂ କଳାକାର ଷ୍ଟାଡିୟମ ନିକଟରେ ପୂର୍ବାହ୍ନରେ ଏକାଠି ହୋଇଥିଲେ। ପରେ ସେମାନେ ବିଭିନ୍ନ ପ୍ରକାର ବାଦ୍ୟଯନ୍ତ୍ର ଧରି ନାମ ସଂକୀର୍ତ୍ତନ ଆରମ୍ଭ କରିଥିଲେ। ସେହିପରି ଆଉ କେତେ ଜଣଙ୍କ ହାତରେ ଚାମର, ଦାଶକାଠିଆ, ମହୁରୀ ଓ ଖଣ୍ଡା ଆଦି ଥିବା ଦେଖିବାକୁ ମିଳିଥିଲା। ସେମାନେ ବିଭିନ୍ନ ସ୍ଲୋଗାନ ଦେବା ସହିତ ହାତରେ ମଧ ପ୍ଲା କାର୍ଡ ଧରି ଜିଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ମାଡ଼ି ଚାଲିଥିଲେ। ସେମାନେ ଅଭିଯୋଗ କରିଛନ୍ତି ଯେ, କଳାକାରଙ୍କ ପାଇଁ ପୂର୍ବରୁ ହୋଇଥିବା ଆଇନ୍‌ରେ ସରକାର ପରିବର୍ତ୍ତନ କରିଛନ୍ତି। ଫଳରେ କଳାକାରଙ୍କ ଉନ୍ନତି ବଦଳରେ ଅବନତି ହୋଇଛି। ରାଜ୍ୟ ସରକାର ଏହାର ପୁନର୍ବିଚାର କରିବାକୁ ସେମାନେ ଦାବି କରିଥିଲେ। ସେହିପରି କୌଣସି କଳାକାର କାର୍ଯ୍ୟକ୍ରମକୁ ଯିବାବେଳେ ଦୁର୍ଘଟଣାରେ ମୃତ୍ୟୁ କି ଅକର୍ମଣ୍ୟ ହେଲେ ସରକାର କି ଯୋଜନା କରିଛନ୍ତି ବୋଲି କଳାକାରମାନେ ପ୍ରଶ୍ନ କରିଥିଲେ। ୧୯୭୬ରୁ ୨୦୧୮ ମଧ୍ୟରେ ବ୍ଲକ କଳାସଂସ୍କୃତି ସଂଘ ପଞ୍ଜୀକୃତ କଳାକାରଙ୍କୁ କୌଣସି ସରକାରୀ ସହାୟତା ମିଳି ନ ଥିବା କଳାକାରମାନେ ଦାବିପତ୍ରରେ ଉଲ୍ଲେଖ କରିଥିଲେ। ସେହିପରି ସରକାର କଳାକାରଙ୍କୁ ପୋଷାକ ଠାରୁ ଆରମ୍ଭ କରି ବାଦ୍ୟଯନ୍ତ୍ର ପର୍ଯ୍ୟନ୍ତ ଦେବାକୁ ଯୋଜନା କରିଥିବାବେଳେ ପ୍ରକୃତରେ ସେମାନଙ୍କ ନିକଟରେ କୌଣସି ସାମଗ୍ରୀ ପହଞ୍ଚୁ ନ ଥିବା ଆନ୍ଦୋଳନକାରୀ ଅଭିଯୋଗ କରିଥିଲେ। ତୁରନ୍ତ ଜିଲା ସଂସ୍କୃତି ଅଧିକାରୀ ନିଯୁକ୍ତି ଦେବା ସହ ୧୯୬୦ ସୋସାଇଟି ଆକ୍ଟରେ ପଞ୍ଜୀକୃତ ସାଂସ୍କୃତିକ ଅନୁଷ୍ଠାନକୁ ସହାୟତା ଦେବା ଓ କଳାକାରମାନଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି କରାଯାଇଛି ବୋଲି ନବଘନ ସାମଲ ସୂଚନା ଦେଇଛନ୍ତି।


ଦାବିପତ୍ର ପ୍ରଦାନ ନିମନ୍ତେ ଆସିଥିବା ଟ୍ରକ୍ ମାଲିକ ସଂଘ କର୍ମକର୍ତ୍ତାମାନେ।

## ପ୍ରଶାସନକୁ ଦାବିପତ୍ର ଦେଲା ଟ୍ରକ୍ ମାଲିକ ସଂଘ

**ଅନୁଗୋଳ ଅଫିସ, ୨୭।୮**

ପୀତାବଳି ମଲ୍ଟି ଏକ୍ସଏଲ (୧୦ରୁ ୧୪ ଚକିଆ ଟ୍ରକ୍) ଅନୁଗୋଳ ଜିଲା ଟ୍ରକ୍ ମାଲିକ ସଂଘ ପକ୍ଷରୁ ଜିଲା ପ୍ରଶାସନ ଓ ଏସ୍‌ପିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ତାଳଚେର କୋଇଲା ଖଣିରୁ ସେମାନେ କୋଇଲା ପରିବହନ କରନ୍ତି। କିନ୍ତୁ ଜରାସିଂହା ଗ୍ରାମବାସୀ ଦୁର୍ଘଟଣା କାରଣରୁ ଉକ୍ତ ଅଞ୍ଚଳ ଦେଇ ଟ୍ରକ୍ ଚଳାଚଳକୁ ବନ୍ଦ କରିଥିଲେ। ତାଳଚେର ହିଙ୍ଗୁଳା ଖଣି ଗାଡ଼ି ମାଲିକମାନଙ୍କ ଟ୍ରକ୍ ଚଳାଚଳ ମଧ ବନ୍ଦ କରିଛନ୍ତି। ଫଳରେ ହିଙ୍ଗୁଳା ଖଣି ଗାଡ଼ିମାଲିକ ସଂଘ ଏହାର ପ୍ରତିବାଦରେ ୧୫ ଦିନ ହେବ କୋଇଲା ଲୋଡିଂ ଦେଉ ନ ଥିବାରୁ ଜିଲା ମାଲିକ ସଂଘର ଟ୍ରକ୍‌ଗୁଡ଼ିକ ଠିଆ ହୋଇରହିଛି। ଏଥିଯୋଗୁ ଗାଡ଼ିଗୁଡ଼ିକର କିସ୍ତି ଓ ଟ୍ୟାକ୍ସ ଦେବାରେ ମାଲିକମାନେ ଅକ୍ଷମ ହେଉଛନ୍ତି। ସୂଚନାଯୋଗ୍ୟ ଯେ, ଜିନ୍ଦଲ କମ୍ପାନୀର ପରିବହନ ପାଇଁ ପୂର୍ବାହ୍ନ ୧୦ଟା ୪୫ରୁ ୧୨.୪୫ ପର୍ଯ୍ୟନ୍ତ ଗାଡ଼ିଗୁଡ଼ିକୁ ପ୍ରଶାସନ ପକ୍ଷରୁ ଅନୁମତି ପ୍ରଦାନ କରାଯାଇଛି। ତେଣୁ ଗାଡ଼ି ଯାତାୟତ ନିମନ୍ତେ ଅନୁମତି ଦେବା ସହ ଜରାସିଂହା ଗ୍ରାମବାସୀଙ୍କ ସହିତ ଆଲୋଚନା କରି ସମସ୍ୟାର ସମାଧାନ କରିବାକୁ ଟ୍ରକ୍ ମାଲିକ ସଂଘ ସଭାପତି ସୁବ୍ରତ କୁମାର ସିଂ, ସାଧାରଣ ସମ୍ପାଦକ ବେଦପ୍ରକାଶ ସ୍ୱାଇଁ, ସୁନୀଲ କୁମାର ସ୍ୱାଇଁ, ମୁନା ଭୂତିଆ, ଅଭୟ ପ୍ରଧାନ ପ୍ରମୁଖ ଦାବି କରିଛନ୍ତି।




## ଜିଲାସ୍ତରୀୟ ଜନ ଶୁଣାଣିରେ ୧୨୧ ଅଭିଯୋଗ

**ଅନୁଗୋଳ ଅଫିସ, ୨୭।୮**– ଅନୁଗୋଳ ଜିଲା କାର୍ଯ୍ୟାଳୟ କୋର୍ଟରୁମ୍ ଠାରେ ଜିଲାସ୍ତରୀୟ ମିଳିତ ଜନ ଶୁଣାଣି ଶିବିର ସୋମବାର ଜିଲାପାଳ ଅନିଲ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ମିତ୍ରଭାନୁ ମହାପାତ୍ର ଯୋଗ ଦେଇଥିଲେ। ୧୦୮ ଟି ବ୍ୟକ୍ତିଗତ ଓ ୧୩ଟି ଗ୍ରାମଭିତ୍ତିକ ଅଭିଯୋଗ ସହ ମୋଟ୍ ଶିବିରରେ ଦାଖଲ ହୋଇଥିବା ୧୨୧ଟିର ଶୁଣାଣି କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଜିଲା ରେଡକ୍ରସ ପାଣ୍ଠିରୁ ୯ ଜଣଙ୍କୁ ୩୬ ହଜାର ଟଙ୍କା ଓ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୬ ଜଣଙ୍କୁ ୬୮ ହଜାର ଟଙ୍କାର ଆର୍ଥିକ ସହାୟତା ଚିକିତ୍ସା ନିମନ୍ତେ ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ଡେପୁଟି କଲେକ୍ଟର ବଇତୁରା ଦୀପ୍ ଓ ଆସିଷ୍ଟାଣ୍ଟ କଲେକ୍ଟର ଲମ୍ବୋଦର ମାରାଣ୍ଡିଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

## ମା’ କ୍ଷୀରର ବିକଳ୍ପ ନାହିଁ

**ଅନୁଗୋଳ ଅଫିସ, ୨୭।୮**– ଶିଶୁ ମୃତ୍ୟୁହାର କମାଇବା ସହ ସେମାନଙ୍କ ବୌଦ୍ଧିକ ଓ ମାନସିକ ଶକ୍ତିର ବିକାଶ ଘଟାଇବା ନିମନ୍ତେ ବିଶ୍ୱ ସ୍ତନ୍ୟପାନ ଦିବସ ପାଳିତ ହେଉଛି। ଏହି ପରିପ୍ରେକ୍ଷୀରେ ସୋମବାର ଜିଲା କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଜିଲା ସ୍ୱାସ୍ଥ୍ୟ ସମିତି, ମହିଳା ଓ ଶିଶୁ ବିକାଶ ବିଭାଗର ମିଳିତ ସହଯୋଗରେ ଜିଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଅନିଲ କୁମାର ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ମା’ କ୍ଷୀରର ବିକଳ୍ପ ନାହିଁ ବୋଲି କହିଥିଲେ। ଏଥିସହ ଜନ୍ମର ୬ ମାସ ପର୍ଯ୍ୟନ୍ତ ସମସ୍ତ ଶିଶୁଙ୍କୁ ବାଧ୍ୟତାମୂଳକ ଭାବେ ମା’ କ୍ଷୀର ଖୁଆଇବା ନିମନ୍ତେ ଆଶା ଏବଂ ଅଙ୍ଗନୱାଡ଼ି କର୍ମୀମାନେ ସଚେତନ କରାଇବାକୁ ସେ ପରାମର୍ଶ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ରବିଚନ୍ଦ୍ର ଗଡ଼ନାୟକ, ଏଡିଏମ୍‌ଓ (ଜନସ୍ୱାସ୍ଥ୍ୟ) ଡା. ରାକେଶ କୁମାର ସାହୁ ସ୍ତନ୍ୟପାନ ଶିଶୁ ଜୀବନର ଏକ ଶୁଭାରମ୍ଭ ଏବଂ ଏହାଦ୍ୱାରା ଶିଶୁ ସ୍ୱାସ୍ଥ୍ୟର ମୂଳଦୁଆ ମଜଭୁତ ହୋଇଥାଏ ବୋଲି କହିଥିଲେ। ଏହି ଅବସରରେ ଏକ ବେବି ଶୋ କରାଯାଇ ଶିଶୁମାନଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ଆଶା, ଅଙ୍ଗନୱାଡ଼ି କର୍ମୀ ଓ ନର୍ସିଂ ଛାତ୍ରୀମାନଙ୍କ ମଧ୍ୟରେ ଏକ କୁଇଜ୍ ପ୍ରତିଯୋଗିତା କରାଯାଇଥିଲା। ଜିଲା ସମାଜ ମଙ୍ଗଳ ଅଧିକାରୀ ଆଲମା ବରୁଆ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଡିପିଓ, ସୁପରଭାଇଜର, ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ, ଜିଲା ସମାଜ ମଙ୍ଗଳ ବିଭାଗର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

## ଆଦର୍ଶ ଇଣ୍ଟରନ୍ୟାଶନାଲ ସ୍କୁଲରେ ରକ୍ଷାବନ୍ଧନ


ଆଦର୍ଶ ବିଦ୍ୟାଳୟରେ ରକ୍ଷା ବନ୍ଧନ ଉତ୍ସବ ପାଳନ କରାଯାଉଛି।

**ଅନୁଗୋଳ ଅଫିସ, ୨୭।୮**– ଅନୁଗୋଳ ସ୍ଥିତ ଆଦର୍ଶ ଇଣ୍ଟରନ୍ୟାଶନାଲ ସ୍କୁଲ ଅନୁଷ୍ଠାନର ଅଧ୍ୟକ୍ଷ ମହେଶ ଚନ୍ଦ୍ର ଧଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପବିତ୍ର ରକ୍ଷାବନ୍ଧନ ପାଳିତ ହୋଇଯାଇଛି। ଛାତ୍ରୀଛାତ୍ରମାନଙ୍କ ମନରେ ଭଉଣୀଭାଇର ପବିତ୍ର ସମ୍ପର୍କକୁ ମନେ ପକାଇବା ପାଇଁ ଏହି ଉତ୍ସବ ପାଳନ କରାଯାଇଥିଲା। ଛାତ୍ରୀମାନେ ଛାତ୍ରମାନଙ୍କ ହାତରେ ରାଖୀ ବାନ୍ଧିବା ସହ ନୃତ୍ୟ ପରିବେଷଣ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ, ଉପାଧ୍ୟକ୍ଷ, ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା।









## ସଂକ୍ଷେପରେ

### ସ୍ତ୍ରୀଙ୍କ ସହ ଝଗଡ଼ା କରି ବିଷ ପିଇଦେଲେ ସ୍ୱାମୀ

ପାଲଲହଡା, ୨୭।୮(ଡି.ଏନ.ଏ.)- ସ୍ତ୍ରୀଙ୍କ ସହ ଝଗଡା ହେବାରୁ ଉତ୍‌କ୍ଷିପ୍ତ ହୋଇ ପାଲଲହଡ଼ା ବ୍ଲକ ସାଇଡା ପଞ୍ଚାୟତ ଡାଲୋ ଗ୍ରାମର ସମ୍ଭାରୁ ମୁଣ୍ଡା ସୋମବାର ବିଷ ପିଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ଏ ନେଇ ପୋଲିସ ନଂ. ୨୧/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପୋଲିସ କହିଛି, କୌଣସି କାରଣରୁ ସମ୍ଭାରୁ ଓ ସ୍ତ୍ରୀ ଶିବାନୀ ମୁଣ୍ଡାଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ସମ୍ଭାରୁ ଘରେ ଥିବା କୀଟନାଶକ ପିଇ ଦେଇଥିଲେ। ପରିବାର ଲୋକେ ଓ ଗ୍ରାମବାସୀ ଗୁରୁତର ଅବସ୍ଥାରେ ସମ୍ଭାରୁଙ୍କୁ ପାଲଲହଡା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପାଲଲହଡ଼ା ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ତଦନ୍ତ ଜାରି ଥିବା ତଦନ୍ତକାରୀ ଅଧିକାରୀ ରଷିନ୍ଦ୍ର କୁମାର ପ୍ରଧାନ କହିଛନ୍ତି।

### ୩ ଆନ୍ଦୋଳନକାରୀ ଗିରଫ

ବଣଁରପାଳ, ୨୭।୮(ଡି.ଏନ.ଏ.) ୫୫ ନଂ. ଜାତୀୟ ରାଜପଥର ବଣଁରପାଳ ବ୍ଲକ କୁଲାଡ଼ ନିକଟରେ ଗତ ୨୪ ତାରିଖରେ ଏକ ସଡ଼କ ଦୁର୍ଘଟଣାରେ ଦମ୍ପତିଙ୍କ ମୃତ୍ୟୁ ଘଟଣାରେ ସ୍ଥାନୀୟ ଲୋକେ ରାସ୍ତାରୋକୋ ଆନ୍ଦୋଳନ କରିଥିଲେ। ଘଟଣାରେ ବଣଁରପାଳ ପୋଲିସ ସୋମବାର ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଧନେଶ୍ୱର ସାହୁ, ଲାଲା ନାୟକ, ଅରୂପା ସେଠ। ତେବେ ଏଥିରେ ଶତାଧିକ ଲୋକଙ୍କ ନାମ ରହିଥିବା ଅନୁଗୋଳ ଏସ୍‌ଡିପିଓ ହରିହର ପାଣି ସୂଚନା ଦେଇଛନ୍ତି।

### ସାପ କାମୁଡ଼ାରେ ଜଣେ ମୃତ

ବଇଣ୍ଡା,୨୭।୮(ଡି.ଏନ.ଏ.)- କିଶୋରନଗର ବ୍ଲକ ହଣ୍ଡପା ଥାନା ଗୁଳାସର ଗ୍ରାମର ନିର୍ମଳ ପ୍ରଧାନ(୨୦) ସୋମବାର ସାପ କାମୁଡ଼ାରେ ପ୍ରାଣ ହରାଇଛନ୍ତି। ସେ ଛତୁ ତୋଳିବା ପାଇଁ ନିକଟସ୍ଥ ଜଙ୍ଗଲକୁ ଯାଇଥିବାବେଳେ ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ପୋଲିସ ନିକଟରେ କୌଣସି ସୂଚନା ନ ଥିବା ହଣ୍ଡପା ଆଇଆଇସି ଡାନିଏଲ କେରକେଟା କହିଛନ୍ତି।

### ପୋଖରୀରେ ବୁଡ଼ି ଜଣେ ମୃତ

ବଇଣ୍ଡା,୨୭।୮(ଡି.ଏନ.ଏ.)- ଆଠମଲ୍ଲିକ ବ୍ଲକ ଆମ୍ବସରମୁଣ୍ଡା ପଞ୍ଚାୟତ ଗିରିଦା ଗ୍ରାମର ସୁଦର୍ଶନ ନାୟକ(୫୧) ରବିବାର ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ପୋଲିସ କହିଛି, ସୁଦର୍ଶନ ପୋଖରୀକୁ ଅପରାହ୍ନରେ ଗାଧୋଇବା ପାଇଁ ଯାଇଥିବାବେଳେ ବୁଡ଼ି ଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଆଠମଲ୍ଲିକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ପୋଲିସ ମୃତଦେହ ଜବତ କରିବା ସହ ନଂ. ୮/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ଭାଲୁ ଆକ୍ରମଣରେ ଜଣେ ଗୁରୁତର

ବଇଣ୍ଡା,୨୭।୮(ଡି.ଏନ.ଏ.)- କିଶୋରନଗର ବ୍ଲକ ସରଗିପାଲି ଗ୍ରାମର ଶରତ ବେହେରା ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ଶରତ ରବିବାର ସକାଳେ ନିକଟସ୍ଥ ପଡ଼ିଆକୁ ଶୌଚ ହେବାକୁ ଯାଉଥିବାବେଳେ ଏକ ଭାଲୁ ତାଙ୍କୁ କାମୁଡ଼ି ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ଉଦ୍ଧାର କରି କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି।

### ୨ ଚୋରି ଅଭିଯୁକ୍ତ ଗିରଫ

ଛେଣ୍ଡିପଦା,୨୭।୮(ସ୍ୱ.ପ୍ର.)- ଛେଣ୍ଡିପଦା ଥାନା ବରସାହି ପଞ୍ଚାୟତର ରଙ୍ଗମାଟିଆ ସାହିରୁ ଛେଳି ଚୋରି କରିବା ଅଭିଯୋଗରେ ପୋଲିସ ସୋମବାର ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ରଙ୍ଗମାଟିଆ ସାହିର ଚିତ୍ତ ମାହାର ଓ ବରସାହିର ମନୋଜ ବେହେରା। ପୋଲିସ କହିଛି, ରଙ୍ଗମାଟିଆସାହିର ଯତିନ ମାହାରଙ୍କ ଘରେ କେହି ନ ଥିବା ବେଳେ ତାଙ୍କ ଘରୁ ଏକ ଛେଳି ଚୋରି ହୋଇଥିଲା। ଏ ନେଇ ବାଗଡିଆ ଫାଣ୍ଡିରେ ଯତିନ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ଛେଣ୍ଡିପଦା ଥାନାରେ ନଂ.୨୨୬/୧୮ରେ ଏକ ମାମଲା ରୁଜୁ ହେବା ସହ ଚିତ୍ତ ଓ ମନୋଜଙ୍କୁ ଗିରଫ କରାଯାଇଛି। ମଙ୍ଗଳବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ବାଗଡିଆ ଫାଣ୍ଡି ଅଧିକାରୀ ପ୍ରକାଶ କରିଛନ୍ତି।

■ବନ୍ଧ ବାନ୍ଧି ରୋକିଲେ ପୋଖରୀ ଜଳ

# ନାଳକୁ ପାଉନି ବଳ

ବନ୍ତଲା, ୨୭।୮ (ଡି.ଏନ.ଏ.)

■୩ ଫୁଟ ପାଣିରେ ପଶି ଯାଉଛନ୍ତି ଡଙ୍ଗାପାଳ ଲୋକେ
■ଗର୍ଭବତୀ, ରୋଗୀ ବୁହାହୁଅନ୍ତି ଖଟିଆରେ
■ବର୍ଷାଦିନେ ସ୍କୁଲ ଯାଇପାରୁନାହାନ୍ତି ପିଲା


ଗ୍ରାମବାସୀ ପୋଖରୀ ବନ୍ଧ ନିକଟରେ ରାସ୍ତା ସମାନ କରୁଛନ୍ତି।


ରାସ୍ତାରେ ପ୍ରବାହିତ ଟାକୁଆନାଳ।

ଗାଁକୁ ମିଳିଛି ରାଜସ୍ୱ ଗ୍ରାମର ମାନ୍ୟତା। ହେଲେ ଲୋକଙ୍କୁ ମିଳିନି ଭଲ ଯାତାୟାତ ପଥ। ଏହି କାରଣରୁ ବର୍ଷର ଅନେକ ମାସ ପାଣିରେ ପଶି ଯିବାକୁ ପଡୁଛି ଅନୁଗୋଳ ବ୍ଲକ ନନ୍ଦପୁର ପଞ୍ଚାୟତର ମାଧପୁର ଜଙ୍ଗଲ ଗ୍ରାମବାସୀଙ୍କୁ। ପରିସ୍ଥିତି ଏପରି ଯେ, ପିଲାମାନେ ବର୍ଷା ଦିନେ ସ୍କୁଲ ଯାଇପାରୁ ନ ଥିବା ବେଳେ ରୋଗୀ, ଗର୍ଭବତୀଙ୍କୁ ଖଟିଆରେ କାନ୍ଧେଇ ପାଣି ଅଞ୍ଚଳ ପାର କରିବାକୁ ପଡୁଛି। ଏ ନେଇ ବାରମ୍ବାର ପ୍ରଶାସନକୁ ଜଣାଇ ସୁଫଳ ନ ପାଇବାରୁ ଗ୍ରାମବାସୀ ଏକାଠି ହୋଇ ନିଜେ ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରିଛନ୍ତି। ସେମାନେ ବନ୍ଧ ବାନ୍ଧି ରାସ୍ତାକୁ ବୁଡ଼ାଇ ରଖୁଥିବା ପୋଖରୀ ଜଳକୁ ଅଟକାଇ ଦେଇଛନ୍ତି। ହେଲେ ୩ ଫୁଟ ପାଣି ଥିବା ଟାକୁଆ ନାଳ ପାଣି ରୋକିବାକୁ ସେମାନଙ୍କ ପାଖେ ବଳ ନାହିଁ। ପ୍ରଶାସନ ସେଠାରେ ପୋଲଟିଏ ନିର୍ମାଣ କଲେ ଲୋକେ ବର୍ଷତମାମ୍ ନିରାପଦରେ ଯିବାଆସିବା କରିପାରନ୍ତେ ବୋଲି ଗ୍ରାମବାସୀ ଦାବି କରିଛନ୍ତି।

ଡଙ୍ଗାପାଳ ଭାବେ ପରିଚିତ ଏହି ଗ୍ରାମରେ ୨୫ ପରିବାର ବାସ କରନ୍ତି। ବନ୍ତଲା କରତପଟା ପୂର୍ତ୍ତ ବିଭାଗ ରାସ୍ତାର ମାଧପୁର ଗାଁ ମୁଣ୍ଡରୁ ଏହାର ଦୂରତା ପ୍ରାୟ ୧ କିଲୋମିଟର। ହେଲେ ରାସ୍ତା ଅତି କଦର୍ଯ୍ୟପୂର୍ଣ୍ଣ। ବିଶେଷକରି ବର୍ଷା ଋତୁରେ ଗାଁକୁ ଯିବା ଲୋକଙ୍କ ପାଇଁ ବେଶ୍ କଷ୍ଟକର ହେଉଛି। ସାମାନ୍ୟ ଅସାବଧାନ ହେଲେ ଟାକୁଆ ନାଳରେ ଭାସିଯିବାର ଭୟ ରହୁଛି। ଏହାଛଡ଼ା ଗାଁ ମୁଣ୍ଡରେ ଥିବା ପ୍ରଧାନ ବନ୍ଧ ପୋଖରୀର ଉଦ୍‌ବୃତ୍ତ ଜଳ ଅନବରତ ରାସ୍ତା ଉପରେ ଆଣ୍ଠୁଏ ଉଚ୍ଚରେ ପ୍ରବାହିତ ହେଉଛି। ଫଳରେ କେଉଁଠି ଖାଲ, ଢିପ ଓ ଗର୍ତ୍ତ ରହିଛି ତାହା ଜଣାପଡୁ ନାହିଁ। ଟାକୁଆନାଳରେ ୩ ଫୁଟରୁ ଅଧିକ ପାଣି ଯାତାୟାତ କରୁଥିବାରୁ ଏହା ପାରି ହେବାକୁ ଗ୍ରାମବାସୀଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏପରି ଅବସ୍ଥାରେ ଯଦି କେହି ଅସୁସ୍ଥ ହୁଅନ୍ତି କିମ୍ବା କୌଣସି ଗର୍ଭବତୀ ପ୍ରସବ ଯନ୍ତ୍ରଣା ଅନୁଭବ କରନ୍ତି ତା'ହେଲେ ତାଙ୍କୁ ଖଟିଆରେ କାନ୍ଧେଇ ଗ୍ରାମବାସୀଙ୍କୁ ନାଳ ଓ ପୋଖରୀ ଅଞ୍ଚଳ ପାରି କରିବାକୁ ପଡୁଛି। ଏହାଛଡ଼ା ଛାତ୍ରୀଛାତ୍ରମାନେ ସ୍କୁଲ ଯିବାକୁ ହଇରାଣ ହରକତ ହେଉଛନ୍ତି। ଗ୍ରାମବାସୀ ଆରପଟେ ଛାଡ଼ିବା ପରେ ସେମାନେ ସ୍କୁଲ ଯାଇପାରନ୍ତି। ଏପରି ଅସୁବିଧା ସମ୍ପର୍କରେ ଅନେକଥର ଜିଲା ଓ ବ୍ଲକ ପ୍ରଶାସନକୁ ଅଭିଯୋଗ କରାଯାଇଥିଲେ ବି କୌଣସି ପଦକ୍ଷେପ ନିଆଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେଣୁ ବାଧ ହୋଇ ଗ୍ରାମର ଅରବିନ୍ଦ ସାହୁ, ସୁନୀଳ ଦେହୁରୀ, ଜଗବନ୍ଧୁ ଦେହୁରୀ, ଦିଲୀପ ଦେହୁରୀ, ରାକେଶ ସାହୁ, ମୁରଲୀ ଦେହୁରୀ, କୃଷ୍ଣଚନ୍ଦ୍ର ଦେହୁରୀ ପ୍ରମୁଖ ପୋଖରୀରେ ଘାଇ ବନ୍ଧାଇବା ସହିତ ଖାଲ ଓ କାଦୁଅ ଜାଗାକୁ ମାଟି ପକାଇ ସମାନ କରିଛନ୍ତି। ତୁରନ୍ତ ସେମାନଙ୍କ ପାଇଁ ସ୍ଥାୟୀ ରାସ୍ତା ଓ ଟାକୁଆନାଳ ଉପରେ ପୋଲ ନିର୍ମାଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଅନୁଗୋଳ ବିଡିଓ ଦୁଃଖବନ୍ଧୁ ନାୟକ କହିଛନ୍ତି, ଉକ୍ତ ଗ୍ରାମକୁ ଯାଇ ସମସ୍ୟା ଦେଖିବା ପରେ ଯାହା କିଛି ପଦକ୍ଷେପ ନିଆଯିବ।

## ବାପା ଶିଖାଇଥିଲେ କାମ

ଦିନକର କାହାଣୀ
ସୁଶାନ୍ତ ବାରିକ



ନନ୍ଦପୁରୁ କଳିଙ୍ଗ ହାଇସ୍କୁଲରେ ନବମ ଯାଏ ପଢ଼ିବା। ପରେ ସ୍କୁଲ ଯିବା ବନ୍ଦ ହୋଇଗଲା। ସେବେଠୁ ହାତରେ ଖୁର, କଇଁଚି ଧରି ବାପାଙ୍କ ସହ ଗାଁ ବୁଲି କାମ କରିବାକୁ ପଡ଼ିଲା। ଗାଁରେ ଷ୍ଟାଇଲିସ ହେୟାର କଟ୍ ଶିଖିବାର ସୁଯୋଗ ନାହିଁ। ତେଣୁ ଅଧିକ କାମ ଜାଣିବାକୁ ରେଢ଼ାଖୋଲ ଚାଲିଗଲି। ସେଠାରେ କିଛି ବର୍ଷ କାମ କରିବା ପରେ ବନ୍ତଲା ଛକ ଶଙ୍ଖପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଇନ୍‌ଷ୍ଟାଇଲ୍ ସେଲୁନ ଖୋଲି ଯୁବପିଢ଼ିଙ୍କ ପସନ୍ଦ ଅନୁଯାୟୀ ହେୟାର କଟ୍ କରୁଛି ବୋଲି କହିଛନ୍ତି ସୁଶାନ୍ତ ବାରିକ ଓରଫ କାଳିଆ (୨୫)।

ସୁଶାନ୍ତଙ୍କ ଘର ଅନୁଗୋଳ ଜିଲା ବନ୍ତଲା ଥାନା ମଧୁପୁରୁ ଗ୍ରାମରେ। କେବଳ ଘରଡ଼ିହକୁ ଛାଡ଼ିଦେଲେ ଜମି ବୋଲି କାଣିଚାଏ ତାଙ୍କର ନାହିଁ। ବାପା କୁମର ବାରିକ ଗାଁରେ ବୁଲି କାମ କରନ୍ତି। ଘରେ ମାଆ, ୨ ଭାଇ ଓ ଗୋଟିଏ ଭଉଣୀ। ସୁଶାନ୍ତ କୁହନ୍ତି, ବଡ଼ ପରିବାର ହୋଇଥିବାରୁ ଘର ଚଳାଇବାରେ ବାପା ଅସୁବିଧାର ସମ୍ମୁଖୀନ ହେଉଥିଲେ। ସେଥିପାଇଁ ବାପା ତାଙ୍କ ପାଠପଢ଼ା ବନ୍ଦ କରିଦେଇଥିଲେ। ସେବେଠାରୁ ସେ ଘରକୁ ସାହାଯ୍ୟ କରି ଆସୁଛନ୍ତି। ଯୁଗ ଅନୁଯାୟୀ ଯୁବପିଢ଼ିଙ୍କ ଷ୍ଟାଇଲ୍ ବଦଳୁଛି। ଗାଁ ଯୁବକମାନେ ମଧ୍ୟ ଷ୍ଟାଇଲିସ୍ ହେୟାର କଟ୍ ଚାହୁଁଛନ୍ତି। ତେଣୁ ସେହି କାମ ଶିଖିବା ପାଇଁ ସେ ରେଢ଼ାଖୋଲରେ ଏକ ସେଲୁନରେ କିଛିଦିନ କାମ କରିଥିଲେ। ସେଠାରେ ଫେସିଆଲ୍, ଫେସୱାସ୍ ଆଦି କାର୍ଯ୍ୟ ଶିଖିବା ପରେ ଗାଁକୁ ଫେରି ଆସିଥିଲେ। ପ୍ରଥମେ ଶଙ୍ଖପୁର ଠାରେ ଏକ କେବିନ୍ ପକାଇ ବ୍ୟବସାୟ ଆରମ୍ଭ କରିଥିଲେ। ପରେ ବନ୍ତଲା ଛକ ଶଙ୍ଖପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ସେଲୁନ ଖୋଲିଛନ୍ତି। ଭିନ୍ନ ଭିନ୍ନ ଷ୍ଟାଇଲ୍‌ର କାମ ଜାଣିଥିବାରୁ ତାଙ୍କ ଦୋକାନରେ ଏବେ ଯୁବପିଢ଼ିଙ୍କ ବେଶ୍ ଭିଡ଼ ହେଉଛି। ନିଜ ସହ ଅନ୍ୟ ୨ଜଣଙ୍କୁ ମଧ୍ୟ କାମରେ ରଖିଛନ୍ତି। ଦୈନିକ ସକାଳ ୭ଟାରେ ସେ ଦୋକାନରେ ପହଞ୍ଚିଯାଆନ୍ତି। ରାତି ୮ଟା ଯାଏ ରୋଜଗାର କରିବା ପରେ ଘରକୁ ଫେରିଥାନ୍ତି। ନିଜ କାର୍ଯ୍ୟକୁ ବେଶ୍ ନିପୁଣତାର ସହ କରୁଥିବାରୁ ସ୍ଥାନୀୟ ଯୁବବର୍ଗଙ୍କ ମଧ୍ୟରେ ତାଙ୍କର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ସମସ୍ତ ଖର୍ଚ୍ଚ ପରେ ଯାହା କିଛି ବଳୁଛି ସେଥିରେ ସେ ଘର ଚଳାଇବା ସହ ଗୋଟିଏ ବଖରା ଆଜବେଷ୍ଟସ ଘର ନିର୍ମାଣ କରିଥିବା କାଳିଆ କହିଛନ୍ତି।

ରିପୋର୍ଟ– ଦିନେଶ ଦେହୁରୀ

# ଛେଣ୍ଡିପଦା ଡାକ୍ତରଖାନାରେ ପୁଣି ଝଡାଫୁଙ୍କା

ଛେଣ୍ଡିପଦା, ୨୭।୮(ସ୍ୱ.ପ୍ର.)

ଛେଣ୍ଡିପଦା ଡାକ୍ତରଖାନାରେ ପୁଣି ସାପକାମୁଡ଼ା ରୋଗୀଙ୍କୁ ଝଡାଫୁଙ୍କା। ସାପକାମୁଡ଼ାରେ ଆହତ ହୋଇଥିବା ମାମୁରିଆ ଗ୍ରାମର ଜଣେ ମହିଳାଙ୍କୁ ଡାକ୍ତରଖାନା ଅଣାଯାଇଥିଲେ ମଧ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ଅଟୋରେ ଜଣେ ଗୁଣିଆ ଝଡାଫୁଙ୍କା କରୁଥିବା ସୋମବାର ଦେଖିବାକୁ ମିଳିଥିଲା। ପ୍ରକାଶ ଯେ, ମାମୁରିଆ ନୂଆସାହିର ଝୁନା ଭୂତିଆଙ୍କୁ ସକାଳେ ଏକ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ଏକ ଅଟୋରେ ଛେଣ୍ଡିପଦା ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତର ସେଠାରେ ତାଙ୍କର ଚିକିତ୍ସା କରିଥିଲେ ହେଁ ପରିବାର ଲୋକେ ଜଣେ ଗୁଣିଆଙ୍କୁ ଡାକ୍ତରଖାନାକୁ ଡାକିଥିଲେ। ପରେ ଅଟୋ ଭିତରେ ଗୁଣିଆ ଜଣକ ଝଡାଫୁଙ୍କା କରୁଥିବା ଦେଖାଯାଇଥିଲା। ଏପରି ଅନ୍ଧବିଶ୍ୱାସର ଶିକାର ହୋଇ ଅନେକ ସମୟରେ ଜୀବନ ହାନି ହେଉଥିଲେ ମଧ୍ୟ ଲୋକେ ସଚେତନ ହେଉ ନ ଥିବା ନେଇ ଅଞ୍ଚଳର ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।


ଅଟୋରେ ସାପକାମୁଡ଼ା ରୋଗୀଙ୍କୁ ଝଡାଫୁଙ୍କା କରାଯାଉଛି।

## ହସ୍ପିଟାଲ ମାଲିକଙ୍କ ବିରୋଧରେ ଦାବିପତ୍ର

ଅନୁଗୋଳ ଅଫିସ, ୨୭।୮

ଛେଣ୍ଡିପଦା ବ୍ଲକ ବାହାଲସାହି ପଞ୍ଚାୟତବାସୀ ଉକ୍ତ ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲକୁ ବନ୍ଦ କରିବା ପାଇଁ ସୋମବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ମେଡିକାଲରେ ଭ୍ରୂଣ ହତ୍ୟା ସହ ବିଭିନ୍ନ ଅନୈତିକ କାର୍ଯ୍ୟ କରାଯାଉଥିବା ଗ୍ରାମବାସୀ ଅଭିଯୋଗରେ ଦର୍ଶାଇଛନ୍ତି। ଏହାଛଡ଼ା ହସ୍ପିଟାଲର ମାଲିକଙ୍କ ସହ ତାଙ୍କ ପରିବାର ଓ ସମ୍ପର୍କୀୟମାନେ ମିଶି ସାଧାରଣ କଥାକୁ ନେଇ ମୁଣ୍ଡାମାଳସାହିର ଲିଲିପ ସାହୁଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ବିଭିନ୍ନ ସମୟରେ ପୋଲିସକୁ ମଧ୍ୟ ସେମାନେ ନାଲି ଆଖି ଦେଖାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେଣୁ ଉକ୍ତ ହସ୍ପିଟାଲକୁ ବନ୍ଦ କରିବା ପାଇଁ ସରପଞ୍ଚ ନାରାୟଣ ବେହେରା, ସମିତି ସଭ୍ୟ ଟିଟୁ ପାତ୍ର, ପଞ୍ଚାନନ ସାହୁ, ବିଦ୍ୟାଧର ସାହୁ, କୈଳାସ ସାହୁ, ଗୋବିନ୍ଦ ସାହୁ, ସୁରଥ ସାହୁ, ବୁଦ୍ଧଦେବ ସାହୁ, ମହାରଣା ସାହୁ, ଛାୟା ସାହୁ ପ୍ରମୁଖ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।



ଧାରଣାରେ ସାମିଲ ହୋଇଥିବା ଶ୍ରମିକମାନେ।

## ବିଭିନ୍ନ ଦାବିରେ ଠିକାଶ୍ରମିକଙ୍କ ଧାରଣା

କଣିହାଁ,୨୭।୮(ଡି.ଏନ.ଏ.)

କଣିହାଁ ବ୍ଲକ ଏନ୍‌ଟିପିସି ପ୍ରକଳ୍ପର ଉଦ୍ୟାନ ବିଭାଗରେ କାର୍ଯ୍ୟରତ କଣ୍ଟିଜେଣ୍ଟ ଶ୍ରମିକମାନେ ବିଭିନ୍ନ ଦାବିରେ ସୋମବାର ଏନ୍‌ଟିପିସି ମୁଖ୍ୟ ଫାଟକ ସମ୍ମୁଖ ବାଇପାସ ଛକ ନିକଟରେ ଧାରଣା ଦେଇଛନ୍ତି। ଉଭୟ ପ୍ଲାଣ୍ଟ ସାଇଟ ଓ ଟାଉନଶିପରେ ଉଦ୍ୟାନ ବିଭାଗରେ କାର୍ଯ୍ୟରତ କଣ୍ଟିଜେଣ୍ଟ ଶ୍ରମିକମାନଙ୍କୁ ସମସ୍ତ କାର୍ଯ୍ୟଦିବସରେ କାମରେ ନିଯୁକ୍ତ କରିବା, ସମାନ କାମକୁ ସମାନ ମଜୁରି, ବୋନସ, ଫାଇନାଲ ପେମେଣ୍ଟ, ଦୈନିକ ଆଲାଉନ୍ସ ପ୍ରଦାନ ଆଦି ଦାବିରେ ଏହି ଧାରଣା ଦିଆଯାଇଛି। ଦାବି ସମ୍ପର୍କରେ ସେମାନେ ପୂର୍ବରୁ ରେଜିମେଣ୍ଟ ମ୍ୟାନେଜର, ୟୁପିଏଲ, ଡେପୁଟି ଜେନେରାଲ ମ୍ୟାନେଜର, ମାନବ ସମ୍ବଳ, ଏନ୍‌ଟିପିସି କଣିହାଁ, ଆଇଆଇସି, ଏନ୍‌ଟିପିସି ଟାଉନ ଥାନା ପୋଲିସଙ୍କୁ ଅବଗତ କରିଥିଲେ। ହେଲେ ଦାବି ପୂରଣ ନ ହେବାରୁ କାର୍ଯ୍ୟବନ୍ଦ କରି ଧାରଣା ଦିଆଯାଇଛି ବୋଲି ଶ୍ରମିକ ସମୀର ନାଏକ, ବନିତା ଦାସ, ସୀତା ସେଠୀ, ଅଞ୍ଜଳୀ ଖୁଣ୍ଟିଆ, ବୀଣା ନାଏକ, କ୍ଷୀର ବାରିକ, ରାଜୁ ବେହେରା, ଲକ୍ଷ୍ମୀପ୍ରିୟା ଭୂତିଆ, ଟୁନି ସାହୁ, ତିଳୋତ୍ତମା ପ୍ରଧାନ ପ୍ରମୁଖ ପ୍ରକାଶ କରିଛନ୍ତି। ଏହାସହ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

■ବ୍ଲାକ୍ ସ୍ପଟ୍‌ରେ ଜିଲାପାଳ, ଏସ୍‌ପିଙ୍କ ଅନୁଧ୍ୟାନ

# ତଦାରଖ କଲେ ରାଜପଥ ମରାମତି କାମ

ଅନୁଗୋଳ ଅଫିସ, ୨୭।୮


ଜିଲାପାଳ ଓ ଏସ୍‌ପି ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ଅନୁଗୋଳ ଦେଇ ଯାଇଥିବା ୫୫ନଂ. ଜାତୀୟ ରାଜପଥର କାଣ୍ଡସରଠାରୁ ସିପିପି ଛକଯାଏ ଅଞ୍ଚଳକୁ ଦୁର୍ଘଟଣା ପ୍ରବଣ ବା ବ୍ଲାକସ୍ପଟ ଭାବେ ଘୋଷଣା କରାଯାଇଥିବା ବେଳେ ସୋମବାର ସେଠାକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି ଜିଲାପାଳ ଅନିଲ କୁମାର ସାମଲ ଓ ଏସ୍‌ପି ମିତ୍ରଭାନୁ ମହାପାତ୍ର। ଏଥିସହ କାରଗିଲ ପେଟ୍ରୋଲ ପମ୍ପ ନିକଟରେ ଚାଲିଥିବା ରାଜପଥ ମରାମତି କାର୍ଯ୍ୟକୁ ମଧ୍ୟ ଜିଲାପାଳ ତଦାରଖ କରିଛନ୍ତି।

ପ୍ରକାଶ ଯେ, ରାଜପଥର ନାଲ୍‌କୋ ସିପିସି ଛକଠାରୁ କାଣ୍ଡସର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ବର୍ଷା ପାଣି ଜମି ରହି ରାସ୍ତା କଦର୍ଯ୍ୟ ହୋଇପଡ଼ିଥିଲା। ଫଳରେ ସୃଷ୍ଟି ହୋଇଥିବା ବଡ଼ ବଡ଼ ଖାଲରେ ଗାଡ଼ିଗୁଡ଼ିକ ଅଟକି ଯାଉଥିବାରୁ ଗମନାଗମନରେ ଅସୁବିଧା ହେଉଥିଲା। ଘଣ୍ଟା ଘଣ୍ଟା ଧରି ରାସ୍ତା ଜାମ୍ ହୋଇଯାଉଥିଲା। ଏହାଛଡ଼ା ଉକ୍ତ ସ୍ଥାନଗୁଡ଼ିକରେ ଜବରଦଖଲ ଆଉ ଏକ ସମସ୍ୟା ସୃଷ୍ଟି କରୁଥିବା ବେଳେ ଦୁର୍ଘଟଣା ବୃଦ୍ଧି ଚିନ୍ତାର କାରଣ ହୋଇଥିଲା। ଏ ନେଇ ଜିଲା ପ୍ରଶାସନ ବିରୋଧରେ ଅନେକ ସଙ୍ଗଠନ ଓ ଜନସାଧାରଣ ସ୍ୱର ଉତ୍ତୋଳନ କରିବା ପରେ ପ୍ରଶାସନର ଚେତା ଉଦୟ ହୋଇଥିଲା। ସମସ୍ୟା ସମାଧାନ ପାଇଁ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କୁ ଜିଲାପାଳଙ୍କ ପକ୍ଷରୁ ବାରମ୍ବାର ପତ୍ର ଲେଖାଯାଇଥିଲା। ତେବେ ସୋମବାର ଜିଲାପାଳ ସାମଲ ଓ ଏସ୍‌ପି ମହାପାତ୍ର ଉକ୍ତ ସ୍ଥାନ ପରିଦର୍ଶନରେ ଯାଇଥିଲେ। ନାଲ୍‌କୋରୁ ନିର୍ଗତ ହେଉଥିବା ପାଣିକୁ ପାଚେରି ମଧ୍ୟରୁ ବାହାରକୁ ନ ଛାଡ଼ିବା ଓ ରାସ୍ତା ପାର୍ଶ୍ୱରେ ଆଲୋକୀକରଣ ବ୍ୟବସ୍ଥା କରିବାକୁ ଜିଲାପାଳ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ। ବର୍ଷା ଛାଡ଼ିଗଲେ ରାସ୍ତାକୁ ସ୍ଥାୟୀ ଭାବେ ନିର୍ମାଣ କରାଯିବା ସହ ଉଭୟ ପାର୍ଶ୍ୱରେ ଜଳ ନିଷ୍କାସନ ବ୍ୟବସ୍ଥା କରାଯିବ ବୋଲି ଢେଙ୍କାନାଳ ଜାତୀୟ ରଜପଥ ପ୍ରାଧିକରଣର ଯନ୍ତ୍ରୀମାନେ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କୁ ଅବଗତ କରାଇଥିଲେ। ସେହିପରି କାରଗିଲ ପେଟ୍ରୋଲ ପମ୍ପ ସମ୍ମୁଖରେ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ରାସ୍ତାକୁ ମରାମତି କରାଯାଉଥିବାବେଳେ ଜିଲାପାଳ ତାହାକୁ ବୁଲି ଦେଖିଥିଲେ। ଜିଲାପାଳଙ୍କ ଏହି ଗସ୍ତ ସମୟରେ ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ଆଞ୍ଚଳିକ ପରିବହନ ଅଧିକାରୀ ଧନଞ୍ଜୟ ସେନାପତି, ଜାତୀୟ ରାଜପଥ ପ୍ରାଧିକରଣର ଭୂ-ଅର୍ଜନ ଅଧିକାରୀ ବସନ୍ତ ଦାସ, ଜାତୀୟ ରାଜପଥ ଅନୁଗୋଳ ଏସ୍‌ଡିଓ ପ୍ରଭାତ କୁମାର ମହାଳିକ, ରାଜ୍ୟ ଟ୍ରକ୍ ମାଲିକ ସଂଘ ତଥା ଜିଲା ଟ୍ରକ୍ ମାଲିକ ସଂଘ ସଭାପତି ବିଭୂତି ଭୂଷଣ ଦାସ, ଢେଙ୍କାନାଳ ଜାତୀୟ ରାଜପଥ ପ୍ରାଧିକରଣ, ଗାୟତ୍ରୀ କନଷ୍ଟ୍ରକଶନ ଓ ନାଲ୍‌କୋ କର୍ମକର୍ତ୍ତାଙ୍କ ସହ ବିଭିନ୍ନ ବିଭାଗର ଜିଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ଧରିତ୍ରୀର ଢେଙ୍କାନାଳ – ଅନୁଗୋଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, ଓଡାପଡା-୯୪୩୭୦୯୩୮୨୨, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଣଁରପାଳ- ୭୮୯୪୪୬୨୯୧୬, ବନ୍ତଲା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ

### ଗଛରେ ପିଟିହେଲା ବାଇକ, ଜଣେ ମୃତ

ଓଡାପଡା,୨୭।୮(ଡି.ଏନ.ଏ)- ଢେଙ୍କାନାଳ ଜିଲା ସଦର ଥାନା ଇନ୍ଦିପୁର-କାଣ୍ଡବିନ୍ଧା ରାସ୍ତାରେ ଏକ ଗଛରେ ଧକ୍କାହୋଇ ନିରାକାର ପାତ୍ର(୨୫)ଙ୍କ ସୋମବାର ସକାଳେ ମୃତ୍ୟୁ ଘଟିଛି। ନିରାକାରଙ୍କ ଘର ଇନ୍ଦିପୁର ଲୁଣି ଗ୍ରାମରେ। ସେ ସକାଳେ ବାଇକ୍(ନଂ. ଓଡି.୦୬-ଇ-୫୭୬୬) ନେଇ ଉକ୍ତ ରାସ୍ତାରେ ଯାଉଥିବାବେଳେ କୌଣସି କାରଣରୁ ଏକ ଗଛରେ ପିଟି ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ସଦର ଥାନାରେ ନଂ. ୩୭୬।୧୮ରେ ଏକ ମାମଲା ରୁଜୁ ହୋଇଛି। ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ପୋଲିସ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି।

### ପରିବେଶ ସୁରକ୍ଷା ସଚେତନତା

ଢେଙ୍କାନାଳ ଅଫିସ,୨୭।୮- ଢେଙ୍କାନାଳ ପ୍ରାଥମିକ ବିକାଶ ଆନ୍ଦୋଳନ ପକ୍ଷରୁ ସୋମବାର ସହରସ୍ଥିତ ହିନ୍ଦୀନେପାଳୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଶ୍ରୀଶ୍ରୀ ରବିଶଙ୍କର ବିଦ୍ୟାମନ୍ଦିରଠାରେ ଏକ ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପରିବେଶ ପ୍ରଦୂଷଣର କାରଣ ଓ ନିରାକରଣ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ହିନ୍ଦିନେପାଳୀ ଉପ୍ରା ବିଦ୍ୟାଳୟର ୩୫ ଜଣ ଓ ରବିଶଙ୍କର ବିଦ୍ୟାମନ୍ଦିରରୁ ୬୦ଜଣ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଧରଣୀଧର ମହାନ୍ତି, ସିଦ୍ଧାର୍ଥ ଜେନା, ଶକ୍ତିପ୍ରସାଦ ପଟ୍ଟନାୟକ ଓ ଆଦିତ୍ୟ ନାରାୟଣ ଶତପଥୀ ଏଥିରେ ସହଯୋଗ କରିଥିଲେ।

### ଦୁର୍ଘଟଣାରେ ୩ ଗୁରୁତର

କାମାକ୍ଷାନଗର,୨୭।୮(ଡି.ଏନ.ଏ)- ଢେଙ୍କାନାଳ ଜିଲା କଙ୍କଡାହାଡ ଥାନା ବାଟଗାଁ ସ୍କୁଲ ନିକଟରେ ସୋମବାର ମଧ୍ୟାହ୍ନରେ ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ବିରାଶାଳ ପଞ୍ଚାୟତ ପାଇଗାଡିଆ ଗ୍ରାମର କାନୁ ମୁଣ୍ଡା ଓ ଲତା ମୁଣ୍ଡା କାମାକ୍ଷାନଗରରୁ ବାଇକ ଯୋଗେ କଙ୍କଡାହାଡ ଯାଉଥିବା ବେଳେ ବିପରୀତ ଦିଗରୁ ବାଇକରେ ଆସୁଥିବା ଡାକ କାର୍ଯ୍ୟାଳୟର କିରାଣୀ ବିଜୟ ନାୟକଙ୍କ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ପରେ ସେମାନଙ୍କୁ ଆମ୍ବୁଲାନ୍ସ ଜରିଆରେ କାମାକ୍ଷାନଗର ଡାକ୍ତରଖାନାକୁ ନିଆଯାଇଥିଲା। ବିଜୟ ଓ କାହ୍ନୁଙ୍କ ଅବସ୍ଥା ଗୁରୁତର ହେବାରୁ ଉଭୟଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ପୋଲିସ ଗାଡି ଜବତ କରି ତଦନ୍ତ କରୁଛି।

### ସଙ୍କୁଳସ୍ତରୀୟ ଖେଳକୁଦ ସମାରୋହ

ଢେଙ୍କାନାଳ ଅଫିସ,୨୭।୮- ଢେଙ୍କାନାଳ ସଦର ବ୍ଲକ ଗୋବିନ୍ଦପୁର ସରସ୍ୱତୀ ଶିଶୁମନ୍ଦିରରେ ସଙ୍କୁଳସ୍ତରୀୟ ଖେଳକୁଦ ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। ଗୋବିନ୍ଦପୁର ଶିଶୁମନ୍ଦିରରେ ଆୟୋଜିତ ଏହି ପ୍ରତିଯୋଗିତାରେ ଢେଙ୍କାନାଳ, ଯୋରନ୍ଦା, ଗଁଦିଆ, ବେଲଟିକିରି, ଗେଙ୍ଗୁଟିଆ, ଚାଉଳିଆ ଖମାର, ଆମ୍ବପଡା ଓ ଗୋବିନ୍ଦପୁର ଶିଶୁମନ୍ଦିରର ଛାତ୍ରୀଛାତ୍ର ଭାଗ ନେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହୃଷୀକେଶ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ ଉତ୍କଳମଣୀ ଗୋପବନ୍ଧୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଚନ୍ଦ୍ରଭାନୁ ମହାପାତ୍ର ମୁଖ୍ୟଅତିଥି, କାମାକ୍ଷାପ୍ରସାଦ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ପତି, ସଙ୍କୁଳ ପ୍ରମୁଖ ମନମୋହନ ତ୍ରିପାଠୀ, ସଙ୍କୁଳ ସଂଯୋଜକ ଲିଙ୍ଗରାଜ ମହାନ୍ତି ଓ ଗୋବିନ୍ଦପୁର ଶିଶୁମନ୍ଦିର ସମ୍ପାଦକ ବ୍ରହ୍ମାନନ୍ଦ ସାମଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅପରାହ୍ନ ୩ଟାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଡା. ଅକ୍ଷୟ କୁମାର ସର ମୁଖ୍ୟଅତିଥି, ଶିକ୍ଷାବିତ ବିଶ୍ୱନାଥ ମହାପାତ୍ର, ସରପଞ୍ଚ ସୁନିତା ସାହୁ ଓ ସଙ୍କୁଳ ପ୍ରମୁଖ ମନମୋହନ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।

■ଜିଲା ପଞ୍ଚାୟତ ସମିତି ସଭ୍ୟ ମହାସଂଘର ଅଭିଯୋଗ

# ଗୁରୁତ୍ୱ ଦେଉନି ପ୍ରଶାସନ

ଢେଙ୍କାନାଳ ଅଫିସ,୨୭।୮

ଢେଙ୍କାନାଳ ଜିଲା ପଞ୍ଚାୟତ ସମିତି ସଭ୍ୟ ମହାସଂଘର ଏକ ବୈଠକ ସହରସ୍ଥିତ ବଜରଙ୍ଗ କ୍ଲବ ସଭାଗୃହରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସମିତି ସଭ୍ୟ ଟଙ୍କଧର ବାରିକ ଏଥିରେ ସଭାପତିତ୍ୱ କରିଥିଲେ। ବ୍ଲକ ଅଧ୍ୟକ୍ଷ ନିର୍ବାଚନ ସରିଗଲା ପରେ ପ୍ରଶାସନ ପକ୍ଷରୁ ସମିତି ସଭ୍ୟାସଭ୍ୟମାନଙ୍କୁ ଗୁରୁତ୍ୱ ଦିଆଯାଉ ନ ଥିବା ଅଭିଯୋଗ କରି ମହାସଂଘ ପକ୍ଷରୁ କ୍ଷୋଭ ପ୍ରକାଶ ପାଇଥିଲା। ପଞ୍ଚାୟତ ସମିତି ସଭ୍ୟାସଭ୍ୟଙ୍କୁ ଅବହେଳା କରାଯାଉଥିବା ସଂଘ ପକ୍ଷରୁ କୁହାଯିବା ସହ ୧୦ଦଫା ଦାବି ପୂରଣ ପାଇଁ ବୈଠକରେ ଦାବି କରାଯାଇଛି। ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତ ସମିତି ସଭ୍ୟାସଭ୍ୟଙ୍କୁ ସ୍ୱତନ୍ତ୍ର ପ୍ରକୋଷ୍ଠ ଓ ଆସବାବପତ୍ର ଯୋଗାଇ ଦିଆଯିବା, ପଞ୍ଚାୟତ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପାଇଁ ଆର୍ଥିକ ଅନୁଦାନକୁ ସଫଳ ବିନିଯୋଗ ପାଇଁ ସରପଞ୍ଚଙ୍କ ସହ ସମିତି ସଭ୍ୟ ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କର ମିଳିତ ସ୍ୱାକ୍ଷର ବାଧ୍ୟତାମୂଳକ କରାଯିବା,



ଜିଲା ପଞ୍ଚାୟତ ସମିତି ମହାସଂଘର ବୈଠକ।

ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟ ପାଇଁ ସମିତି ସଭ୍ୟଙ୍କ ବାର୍ଷିକ ଅନୁଦାନ ପାଣ୍ଠି ୩୦ଲକ୍ଷ ଟଙ୍କା କରାଯିବା, ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ନିର୍ବାଚିତ ସମିତି ସଭ୍ୟମାନଙ୍କ ମାସିକ ଭତ୍ତା ୧୮୮୦ଟଙ୍କାରୁ ୩୦ହଜାରକୁ ବୃଦ୍ଧି କରାଯିବା, ପଞ୍ଚାୟତସ୍ତରରେ ବିଭିନ୍ନ ଚିହ୍ନଟ ପ୍ରମାଣପତ୍ର ପ୍ରଦାନରେ ସଭ୍ୟମାନଙ୍କୁ କ୍ଷମତା ପ୍ରଦାନ କରାଯିବା, ପଞ୍ଚାୟତର ବାର୍ଷିକ ଖସଡା ଅନୁମୋଦନରେ ସମିତି ସଭ୍ୟମାନଙ୍କ ଦସ୍ତଖତକୁ ଅନ୍ତର୍ଭୁକ୍ତ କରାଯିବା, ଗ୍ରାମପଞ୍ଚାୟତ ବୈଠକରେ ପଞ୍ଚାୟତ ସମିତି ସଭ୍ୟମାନଙ୍କୁ ଚିଠା ଅନୁମୋଦନରେ ସ୍ୱାକ୍ଷର, ୫ବର୍ଷ କାର୍ଯ୍ୟକାଳ ମଧ୍ୟରେ ଦୁର୍ଘଟଣା ଘଟିଲେ ୧୦ଲକ୍ଷ ଟଙ୍କାର ବୀମା ବ୍ୟବସ୍ଥା, କାର୍ଯ୍ୟକାଳ ପୂରଣ ପରେ ମାସିକ ପେନସନ ବ୍ୟବସ୍ଥା ଆଦି ୧୦ଦଫା ଦାବି ପୂରଣ କରିବା ପାଇଁ ପ୍ରଶାସନ ପଦକ୍ଷେପ ନେବା ନିମନ୍ତେ ମହାସଂଘ ପକ୍ଷରୁ ଜଣାଯାଇଛି ବୋଲି ସଭାପତି ଲାଉଲଇ ପଞ୍ଚାୟତ ସମିତି ସଭ୍ୟ ଟଙ୍କଧର ବାରିକ ଜଣାଇଛନ୍ତି। ଏହି ବୈଠକରେ ବିଭିନ୍ନ ପଞ୍ଚାୟତର ବହୁ ସମିତି ସଭ୍ୟାସଭ୍ୟ ଯୋଗ ଦେଇଥିଲେ।

■ଦହିବରା ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ ମାମଲା

## ୫ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

ଢେଙ୍କାନାଳ ଅଫିସ,୨୭।୮

**ପରିବର୍ତ୍ତନ, ଶାନ୍ତି ବଜାୟ ରଖିବା ସର୍ତ୍ତରେ ଛଡାଗଲା**

ଢେଙ୍କାନାଳ ଜିଲା ଗଁଦିଆ ଥାନା ଯୋରନ୍ଦା ଫାଣ୍ଡି ବିରିଖୁଣ୍ଟି ଗ୍ରାମରେ ୨୦୧୧ ମସିହାରେ ନିରାକାର ଦାସ ନାମକ ଜଣେ ଦହିବରା ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ ମାମଲାର ରାୟ ଗତ ୨୪ ତାରିଖରେ ପ୍ରକାଶ ପାଇଛି। ଏହି ମାମଲାର ରାୟ ପ୍ରକାଶ କରି ଜୁନିୟର ମାଜିଷ୍ଟ୍ରେଟ୍ ଫାଷ୍ଟକ୍ଲାସ୍ ରେଖାରାଣୀ ନାୟକ ଘଟଣାରେ ସମ୍ପୃକ୍ତ ୫ ଜଣ ଅଭିଯୁକ୍ତ ନିବେଦନ ଦେହୁରୀ, ବନ ଦେହୁରୀ, ମୀନ ଦେହୁରୀ, ମାନସ ଦେହୁରୀ ଓ ଲକ୍ଷ୍ମଣ ଦେହୁରୀଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ପରେ ଶାନ୍ତି ବଜାୟ ରଖିବା ସହ ପରିବର୍ତ୍ତନ ଏବଂ ଭଲ ବ୍ୟବହାର ପ୍ରଦର୍ଶନ ସର୍ତ୍ତରେ ଛାଡିଥିଲେ। ଘଟଣାରୁ ଜଣାପଡିଛି ଯେ, ଗତ ୧୮।୧୧।୨୦୧୧ ମସିହା ସନ୍ଧ୍ୟା ୫ଟାରେ ବିରିଖୁଣ୍ଟି ଗ୍ରାମର ନିରାକାର ଦାସ ଘାଟି ରାସ୍ତାରେ ଦହିବରା ବିକ୍ରିକରି ଆସୁଥିବାବେଳେ ସେହି ଗ୍ରାମର ନିବେଦନ, ମୀନ, ବନ, ମାନସ ଓ ଲକ୍ଷ୍ମଣ ତାଙ୍କୁ ଲୁହାଛଡ ଓ ଠେଙ୍ଗାରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ସଂକ୍ରାନ୍ତରେ ନିରାକାରଙ୍କ ସ୍ତ୍ରୀ ରିନା ଦାସଙ୍କ ଅଭିଯୋଗ କ୍ରମେ ଯୋରନ୍ଦା ଫାଣ୍ଡିରେ ଏକ ମାମଲା ରୁଜୁ ହୋଇଥିଲା। ଏହି ମାମଲାର ଜିଆର କେସ୍ ନଂ-୧୧୯।୨୦୧୧ର ବିଚାର କରି ଜୁନିୟର ମାଜିଷ୍ଟ୍ରେଟ୍ ଫାଷ୍ଟକ୍ଲାସ୍ ରେଖାରାଣୀ ନାୟକ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଉକ୍ତ ୫ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଏଥି ସହିତ ସମସ୍ତ ଘଟଣାକୁ ଅନୁଧ୍ୟାନ କରି ୫ଜଣଙ୍କୁ ପ୍ରୋବେସନ ଅଫ୍ ଅଫେଣ୍ଡର ଆକ୍ଟ, ଦଫା-୪(୧)ରେ ୫ହଜାର ଟଙ୍କା ବ୍ୟକ୍ତିଗତ ମୁଚାଲିକାରେ ଜଣେ ଲେଖାଏ ଜାମିନଦାରରେ ଉକ୍ତ ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା କରିବା ସହ ନିଜକୁ ପରିବର୍ତ୍ତନ କରିବା ଏବଂ ଭଲ ବ୍ୟବହାର ବଜାୟ ରଖିବା ସର୍ତ୍ତରେ ଛାଡିଥିଲେ। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସହକାରୀ ପବ୍ଲିକ ପ୍ରସିକ୍ୟୁଟର ପୁଷ୍ପକ ତ୍ରିପାଠୀ, ଅଦ୍ୱୈତ ପ୍ରସାଦ ବାରିକ ଓ ଅନୁଜ୍ଞା ମହାନ୍ତି ପରିଚାଳନା କରିଥିଲେ।

■କଙ୍କଡ଼ାହାଡ଼ରେ ଜନ ଅଭିଯୋଗ ଶୁଣାଣି

## ୫୬ରୁ ୨୪ ଅଭିଯୋଗର ଫଇସଲା



କଙ୍କଡ଼ାହାଡ଼ ବ୍ଲକରେ ଅନୁଷ୍ଠିତ ଜନ ଅଭିଯୋଗ ଶୁଣାଣି।

ଢେଙ୍କାନାଳ ଅଫିସ,୨୭।୮

ଢେଙ୍କାନାଳ ଜିଲା କଙ୍କଡ଼ାହାଡ ବ୍ଲକରେ ସୋମବାର ପ୍ରଶାସନ ପକ୍ଷରୁ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କାର୍ଯ୍ୟାଳୟଠାରେ ଆୟୋଜିତ ଏହି ଶିବିରରେ ବାର୍ଦ୍ଧକ୍ୟ ଓ ଭିନ୍ନକ୍ଷମ ଭତ୍ତା, ଇନ୍ଦିରା ଆବାସ, ବିଜୁ ପକ୍କାଘର, ପୋଲିସ ସମ୍ବନ୍ଧୀୟ ଓ ଅନ୍ୟାନ୍ୟ ସମସ୍ୟାକୁ ନେଇ ୫୬ଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ତନ୍ମଧ୍ୟରୁ ୨୪ଟି ଅଭିଯୋଗର ସମାଧାନ କରାଯାଇଥିଲା। ରେଡକ୍ରସ ସହାୟତା ପାଣ୍ଠିରୁ ୨ ଜଣଙ୍କୁ ବ୍ୟକ୍ତିଗତ ଚିକିତ୍ସା ପାଇଁ ୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଜିଲାପାଳ ନିଖିଲ ପବନ କଲ୍ୟାଣ ଅଭିଯୋଗଗୁଡିକର ଶୁଣାଣି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ସନ୍ତୋଷ କୁମାର ନାୟକ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ନରୋତ୍ତମ ବେହେରା, କଙ୍କଡାହାଡ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁ, କାମାକ୍ଷାନଗର ଏସ୍‌ଡିପିଓ ସୁପ୍ରସନ୍ନ ମଲିକ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ନିର୍ବାହୀଯନ୍ତ୍ରୀ ବିଜୟାନନ୍ଦ ସାହୁ, ଜିଲା କଲ୍ୟାଣ ଅଧିକାରୀ ମାନସ ରଞ୍ଜନ ମିଶ୍ର, ଜିଲା ଯୋଗାଣ ବିଭାଗ ଅଧିକାରୀ ହାଡିବନ୍ଧୁ ସେଠୀ, ଜିଲା ପଞ୍ଚାୟତ ଅଧିକାରୀ ବୀରେନ୍ଦ୍ର କୁମାର ହୋତା, ଜିଲା ସମାଜ ମଙ୍ଗଳ ଅଧିକାରୀ ଅହଲ୍ୟା ଧଳ, ବିଡିଓ ଜ୍ୟୋତି ଶଙ୍କର ସାହୁ, ତହସିଲଦାର ସୁଜାତା ଶୁଭଦର୍ଶିନୀ ସ୍ୱାଇଁଙ୍କ ସମେତ ଆସିଷ୍ଟାଣ୍ଟ କଲେକ୍ଟର(ପିଜିସେଲ୍) ସୁଧାଂଶୁ ଶେଖର ଦାସ ଓ ଜିଲା କାର୍ଯ୍ୟାଳୟର ପିଜିସେଲ ଅଧିକାରୀ ଲଲାଟ କେଶରୀ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ ।

## ଶିକ୍ଷକ ସଂଘର ଆନ୍ଦୋଳନ ପ୍ରସ୍ତୁତି

ଢେଙ୍କାନାଳ ଅଫିସ,୨୭।୮

ଢେଙ୍କାନାଳ ଓଷ୍ଟା କାର୍ଯ୍ୟାଳୟରେ ବରିଷ୍ଠ ପ୍ରଧାନ ଶିକ୍ଷକ ନବକିଶୋର ଚୌଧୁରୀଙ୍କ ସଭାପତିତ୍ୱରେ ଆନ୍ଦୋଳନ ପାଇଁ ଶିକ୍ଷକ ସଂଘର ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାର ବ୍ଲକଗ୍ରାଣ୍ଟ ପାଉଥିବା ଶିକ୍ଷକ ଓ ଅଧ୍ୟାପକମାନେ ବୈଠକରେ ଯୋଗ ଦେଇଥିଲେ। ମିଳିତ ମଞ୍ଚର ଆଗାମୀ ଆନ୍ଦୋଳନ କାର୍ଯ୍ୟଧାରାକୁ ଜୋରଦାର କରିବା ପାଇଁ ବୈଠକରେ ଜିଲା ସମ୍ପାଦକ ଅକ୍ଷୟ କୁମାର ସାହୁ ଆହ୍ୱାନ ଦେଇଥିଲେ। ଆସନ୍ତା ୨୯ ଓ ୩୦ ତାରିଖରେ ଢେଙ୍କାନାଳ ଜିଲାର ସମସ୍ତ ହାଇସ୍କୁଲ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ କଲେଜର ଶିକ୍ଷକ, କର୍ମଚାରୀ ଓ ଅଧ୍ୟାପକମାନେ ବହୁ ସଂଖ୍ୟାରେ ଆନ୍ଦୋଳନରେ ସାମିଲ ହେବା ପାଇଁ ସ୍ଥିର ହୋଇଥିଲା। ଜିଲା ସଂଘର ଯୁଗ୍ମ ସମ୍ପାଦକ ବିଭୂତି ସାମଲ, ୬୬୨ବର୍ଗର ଜିଲା ସଭାପତି ବିଜୟ କୁମାର ପଟ୍ଟନାୟକ ପ୍ରମୋଦ କୁମାର ସ୍ୱାଇଁ, ଶଶିକାନ୍ତ ଦାସ, ଜ୍ୟୋତିର୍ମୟୀ ପଟ୍ଟନାୟକ, ରଞ୍ଜନ କୁମାର ତ୍ରିପାଠୀ, ଶ୍ରୀକାନ୍ତ ଚିନାରା, ଅଶ୍ୱିନୀ ରାୟ, ଶେଷଦେବ ବାରିକ, ସୁରେଶଚନ୍ଦ୍ର ପରିଡା, ବନବିହାରୀ ଦାସ, ଶ୍ରୀରାମ ରାଉତ, ଲିଙ୍ଗରାଜ ବେହେରା, ଧିରେନ୍ଦ୍ର କୁମାର ନନ୍ଦ, ଗୀତାଞ୍ଜଳି ବରାଳ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଆଗାମୀ ଗୁରୁ ଦିବସକୁ କଳା ଦିବସ ଭାବେ ପାଳନ କରାଯିବା ସହ ଦାବି ପୂରଣ ନ ହେଲେ ସ୍କୁଲ, କଲେଜ ୬ ତାରିଖରୁ ବନ୍ଦ ରହିବ ବୋଲି ସଂଘ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଜଣାଯାଇଛି ।

## ପାୱାର ଗ୍ରୀଡ୍ ପକ୍ଷରୁ ଆମ୍ବୁଲାନ୍ସ ପ୍ରଦାନ

କାମାକ୍ଷାନଗର,୨୭।୮(ଡି.ଏନ.ଏ)





ଅତିଥି ପତାକା ଦେଖାଇ ଆମ୍ବୁଲାନ୍ସ ସେବା ଶୁଭାରମ୍ଭ କରୁଛନ୍ତି।

କାମାକ୍ଷାନଗର ଉପଖଣ୍ଡ ଡାକ୍ତରଖାନାକୁ ସୋମବାର ପାୱାରଗ୍ରୀଡ୍ ଅଫ୍ ଇଣ୍ଡିଆ ପକ୍ଷରୁ ଏକ ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଛି। ଏହି ସେବାକୁ ଖଣି, ଇସ୍ପାତ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଶୁଭାରମ୍ଭ କରିଥିଲେ। ଏଜିଏମ୍ ସୁଶୀଲ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏନ୍‌ଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡା, ପାୱାରଗ୍ରୀଡ୍ କର୍ପୋରେଶନର ଡିଜେଏମ୍ ଦୀପ୍ତିକାନ୍ତ ବିଶ୍ୱାଳ, ଅନ୍ୟତମ ଏଜିଏମ୍ ଅଭୟ ଦାସ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବାସୁଦେବ ସାହୁ, ଉପଖଣ୍ଡ ଚିକିତ୍ସାଧିକାରୀ ଡା. ରତ୍ନାକର ସାମଲ, ବ୍ଲଡ ବ୍ୟାଙ୍କ ଅଧିକାରୀ ଡା. ଦିଗାମ୍ବର ସାହୁ, ଏସ୍‌ଡିପିଓ ସୁପ୍ରସନ୍ନ ମଲିକ, ତହସିଲଦାର ସରୋଜ କୁମାର ସ୍ୱାଇଁ, ଥାନା ଅଧିକାରୀ ଜ୍ଞାନରଞ୍ଜନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ପାୱାର ଗ୍ରୀଡ ପକ୍ଷରୁ ସ୍ଥାନୀୟ ଡାକ୍ତରଖାନାକୁ ଏକ ଶୀତତାପ ନିୟନ୍ତ୍ରିତ ଗାଡି ଓ ଶବ ସଂରକ୍ଷଣ ଗୃହ ପ୍ରଦାନ କରାଯିବ ବୋଲି କମ୍ପାନୀର ଅଧିକାରୀମାନେ କହିଥିଲେ। ସାମାଜିକକର୍ମୀ ମଙ୍ଗୁତଲାଲ କଟରକା, ୱାର୍ଡସଭ୍ୟା ସୁକାନ୍ତି ବେହେରା, ନିୟନ୍ତ୍ରିତ ବଜାର କମିଟିର ଉପସଭାପତି ସୂର୍ଯ୍ୟ ନାରାୟଣ ବେହେରା, ସାନୁ ସାହୁ, ନିକୁ ନାୟକ, ମଦନ ବେହେରାଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ରହିଥିଲେ ।

## ‘ସ୍ଥିତି ପାଇଁ ସଂଗ୍ରାମ କରୁଛି ଓଡ଼ିଆ ଭାଷା’

ଓଡାପଡା,୨୭।୮(ଡି.ଏନ.ଏ)

ଓଡାପଡା ବ୍ଲକ ଓଡାପଡା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ସୋମବାର ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉତ୍ସବ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା ସାହିତ୍ୟ ବିଭାଗର ବରିଷ୍ଠ ଅଧ୍ୟାପକ ଗୁରୁଚରଣ ରାଉତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଶମ୍ଭୁପ୍ରସାଦ ପ୍ରଧାନ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଅଧ୍ୟାପକ ଦେବାନନ୍ଦ ଦାସ ମୁଖ୍ୟବକ୍ତା, ଅଧ୍ୟାପିକା ସନ୍ଧ୍ୟାରାଣୀ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପୁରାତନ ଛାତ୍ର ମଙ୍ଗରାଜ ମହାପାତ୍ର, ଛାତ୍ରୀ ପୁନମଜ୍ୟୋତି ରାଉତ, ଶର୍ମିଷ୍ଠା ସାହୁ ଓ ସମ୍ଭିତ କୁମାର ବେହେରା ସ୍ୱଭାବ କବିଙ୍କ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଆଜି ବି ଓଡିଆ ଭାଷା ତାର ସ୍ଥିତି ପାଇଁ ସଂଗ୍ରାମ କରୁଛି ଏବଂ ଏଥିରୁ ମୁକ୍ତି ପାଇବାର ଉପାୟ ସ୍ୱଭାବ କବି ତାଙ୍କ କାବ୍ୟରେ ରଚନା କରିଛନ୍ତି ବୋଲି ମୁଖ୍ୟଅତିଥି ତାଙ୍କ ଅଭିଭାଷଣରେ ପ୍ରକାଶ କରିଥିଲେ। ସ୍ୱଭାବକବିଙ୍କ ସାହିତ୍ୟକୃତିକୁ ଅନୁଶୀଳନ କରି ସଭାପତି ତାଙ୍କର ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ବହୁ ଛାତ୍ରୀଛାତ୍ର ଓ ଅଧ୍ୟାପିକା ଅଧ୍ୟାପକ ଯୋଗ ଦେଇଥିଲେ।

## ୧୦୨ ୟୁନିଟ୍ ରକ୍ତ ସଂଗ୍ରହ





ଭାଗିରଥି ଯୁବକ ସଂଘ ପକ୍ଷରୁ ରକ୍ତଦାନ ଶିବିର।

ଢେଙ୍କାନାଳ ଅଫିସ, ୨୭।୮

ଶ୍ରୀବଳରାମ ଏବଂ ମଦର ଟେରେସାଙ୍କ ଜନ୍ମତିଥି ଉପଲକ୍ଷେ ଢେଙ୍କାନାଳ ଭାଗିରଥି ଯୁବକ ସଂଘ ପକ୍ଷରୁ ରବିବାର ଗୁଡ଼ିଆନାଳୀ ଭାଗିରଥି ବିହାରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଏସ୍‌ପି ସନ୍ତୋଷ କୁମାର ନାୟକ, ଅତିଥି ଭାବେ ଜିଲା ବାଣିଜ୍ୟ ସଂଘ ସଭାପତି ଶରତ ଚନ୍ଦ୍ର ପାଢୀ, ନଗରପାଳ ସୁଧାଂଶୁ ଦଳେଇ, ସାମାଜିକ କର୍ମୀ ସାଗରିକା ମିଶ୍ର, କୃଷକ ନେତା ବିପ୍ରବର ସାହୁ, କାଉନସିଲର ଦୀପ୍ତିରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୧୦୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ସଭାପତି ସିଦ୍ଧେଶ୍ୱରୀ ପ୍ରସାଦ ମିଶ୍ର, ଉପସଭାପତି ସୌମ୍ୟରଞ୍ଜନ ପାଢୀ, ସମ୍ପାଦକ କାମାକ୍ଷା ପ୍ରସାଦ ସେନାପତି, ସହସମ୍ପାଦକ ବିଜୟ ବେହେରା, ଉପଦେଷ୍ଟା ଅଥୟ କୁମାର ସାହୁ, ପ୍ରଭାକର ବେହେରା, ରଣଜିତ ସେନାପତି, ରାଜେନ୍ଦ୍ର ବିଶ୍ୱାଳ, ବିକାଶ ସାହୁ, ମନୋଜ ସେନାପତି, ଶାନ୍ତନୁ ବେହେରା, ସୁବ୍ରତ ଜେନା, ବଦ୍ରି ନାରାୟଣ ମହାନ୍ତି, ଅମିତ ନନ୍ଦ, ସୌମ୍ୟବ୍ରତ ସାହୁ, କନିଷ୍କ ସାମଲ ଓ ମହେନ୍ଦ୍ର ଦଳେଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନିର୍ମାଣ ଶ୍ରମିକଙ୍କୁ ୫ ଶହ ସାଇକେଲ ବଣ୍ଟନ

ପରଜଙ୍ଗ,୨୭।୮(ଡି.ଏନ.ଏ.)



ପରଜଙ୍ଗ ବ୍ଲକ ପାଣି ପଞ୍ଚାୟତ ସଭାଗୃହଠାରେ ଜିଲା ପ୍ରଶାସନ ଓ ଶ୍ରମ ବିଭାଗ ପକ୍ଷରୁ ସୋମବାର ବ୍ଲକର ନିର୍ମାଣ ଶ୍ରମିକମାନଙ୍କୁ ୫ ଶହ ସାଇକେଲ ପ୍ରଦାନ କରଯାଇଛି। ଏଥିସହ ଶହେ ଜଣ ନିର୍ମାଣ ଶ୍ରମିକଙ୍କୁ ୧୦୦ ଟୋଲ କିଟ୍ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଡ. ନୃସିଂହ ଚରଣ ସାହୁ ଯୋଗଦେଇ ରାଜ୍ୟ ସରକାର ନିର୍ମାଣ ଶ୍ରମିକଙ୍କ ପାଇଁ ବାସଗୃହ, ତାଙ୍କ ପିଲାମାନଙ୍କ ପଢିବା ବାବଦକୁ ଅର୍ଥ ପ୍ରଦାନ, ଝିଅ ବାହାଘର ପାଇଁ ଅର୍ଥ ପ୍ରଦାନ ପରି ବିଭିନ୍ନ ଯୋଜନା ପ୍ରଚଳନ କରିଛନ୍ତି ବୋଲି ପ୍ରକାଶ କହିଥିଲେ। ଅନ୍ୟମାନଙ୍କ ମଧରେ ଜିଲା ଶ୍ରମ ଆୟୁକ୍ତ ଜିତ୍ ମୋହନ ହାଁସଦା, ଜିଲା ଶ୍ରମ ଅଧିକାରୀ ମାନଭଞ୍ଜନ ପ୍ରଧାନ, ଆଞ୍ଚଳିକ ଶ୍ରମ ନିରୀକ୍ଷକ ରଶ୍ମି ରଞ୍ଜନ ବରାଳ, ଜିଲା ଶ୍ରମ କୋଅର୍ଡ଼ିନେଟର ଭରତ ଭୂଷଣ ଶତପଥୀ, ଜିଲା ସଂଯୋଜକ ବାସୁଦେବ ସାହୁ, ବିଡିଓ ବସନ୍ତ କୁମାର ମଲ୍ଲିକ, ବ୍ଲକ ଅଧକ୍ଷ ଅକ୍ଷୟ କୁମାର ବେହେରା ଯୋଗ ଦେଇଥିଲେ। ଓଡ଼ିଶା ନିର୍ମାଣ ମଜଦୁର ସଂଘ ପରଜଙ୍ଗ ଶାଖାର ସଂଯୋଜକ ସଞ୍ଜୟ ସାହୁ, ଓସ୍କାରର ପ୍ରତିନିଧିତ୍ୱ କରୁଥିବା ଦିଲୀପ କୁମାର ବର୍ମାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଜେଡି ବ୍ଲକ ସଭାପତି କୃଷ୍ଣଚନ୍ଦ୍ର ମହାନ୍ତି, ଯୁବ ବିଜେଡି ସଭାପତି ଇଂ. ସୁବ୍ରତ କୁମାର ଦାସ, ଜିଲା ସମ୍ପାଦକ ଭୂପେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର

କଣିହାଁ, ୨୭।୮ (ଡି.ଏନ.ଏ.)

କଣିହାଁ ବ୍ଲକ ଏନ୍‌ଟିପିସି ଟାଉନ ଥାନା ପୋଲିସ ସୋମବାର ଜଣେ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର କରିଛି। ମୃତା ହେଲେ ସବିତା ନାଏକ(୨୯)। ତାଙ୍କ ବାପଘର ରଙ୍ଗବେଡ଼ା ଗ୍ରାମରେ। ଥାନା ସୂତ୍ରରୁ ପ୍ରକାଶ, ସବିତା ୨୦୧୦ରେ କଣିହାଁ ଥାନା ଛେଲିଆ ଗ୍ରାମର ବିକାଶ ନାଏକଙ୍କୁ ବିବାହ କରିଥିଲେ। ୨୦୧୧ରେ କୌଣସି କାରଣରୁ ବିକାଶଙ୍କ ମୃତ୍ୟୁ ଘଟିଥିଲା। ଶାଶୁ ଘର ସହିତ ବାପଘରେ ରହି ସେ ନିଜ ଜୀବିକା ନିର୍ବାହ କରୁଥିଲେ। କିଛିଦିନ ହେଲା ସେ ତାଙ୍କ ବାପଘରେ ରହିଥିଲେ। ତେବେ ରବିବାର ସନ୍ଧ୍ୟାରେ ସେ ଘରକୁ ଫେରି ନ ଥିଲେ। ରଙ୍ଗବେଡ଼ା ଗ୍ରାମସ୍ଥିତ ତାଙ୍କ ଘର ନିକଟରେ ଏନ୍‌ଟିପିସି କଲୋନୀର ପାଚେରୀ ରହିଛି। ସେଠାରେ ଏକ ଗଳାବାଟ ଦେଇ ପ୍ରକଳ୍ପ ଡଷ୍ଟବିନ ଏରିଆରେ କିରୋସିନି ଢାଳି ସବିତା ଆତ୍ମହତ୍ୟା କରିଥିବା ପରିବାର ବର୍ଗ କହିଛନ୍ତି। ଏ ନେଇ ନଂ. ୯/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ତାଲଚେର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ବାପଘର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତଦନ୍ତ ଜାରି ରହିଛି।

### ବାଇକ୍ ଧକ୍କାରେ ଜଣେ ମୃତ

କଣିହାଁ, ୨୭।୮ (ଡି.ଏନ.ଏ.)

କଣିହାଁ ବ୍ଲକ ଏନ୍‌ଟିପିସି ଥାନା ବିଜିଗୋଳ ଗ୍ରାମ ପାଟଣାସାହିର ରାଧାମୋହନ ପାତ୍ରଙ୍କ ସୋମବାର ବାଇକ ଧକ୍କାରେ ମୃତ୍ୟୁ ହୋଇଛି। ସେ ପୂର୍ବାହ୍ନରେ ବାଇକ ଯୋଗେ ଏନ୍‌ଟିପିସି ବଜାରକୁ ଆସୁଥିବାବେଳେ ଓଭରବ୍ରିଜ ନିକଟ ଶନି ମନ୍ଦିରଠାରେ ଏକ କୁକୁରକୁ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ନଂ. ୬୦/୧୮ରେ ଏକ ମାମଲା ରୁଜୁ ହୋଇଛି। ମୃତଦେହ ତାଲଚେର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ଶୋଭା ପଟ୍ଟନାୟକ ପ୍ରକାଶ କରିଛନ୍ତି।

### ବିପଦସଙ୍କୁଳ ଅବସ୍ଥାରେ ନଳକୂପ

ହିନ୍ଦୋଳ, ୨୭।୮ (ଡି.ଏନ.ଏ.)- ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ବ୍ରହ୍ମପୁର ଗ୍ରାମରେ ଏକ ଖୋଲା ନଳକୂପ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏ ନେଇ ଗ୍ରାମବାସୀ ସୋମବାର ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଦୁଇମାସ ହେବ ଉକ୍ତ ନଳକୂପଟି ଖୋଲା ହୋଇ ପଡ଼ି ରହିଛି। ଫଳରେ ଛୋଟପିଲାଙ୍କ ପାଇଁ ଏହା ବିପଦ ସୃଷ୍ଟି କରିଛି। ଏ ସମ୍ପର୍କରେ ସରପଞ୍ଚ, ବିଭାଗୀୟ ଯନ୍ତ୍ରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାସହ ଉକ୍ତ ନଳକୂପରୁ ମଧ୍ୟ ଗ୍ରାମବାସୀ ପାଇ ପାରୁନାହାନ୍ତି। ତୁରନ୍ତ ଏହାର ସମାଧାନ କରିବାକୁ ଗ୍ରାମବାସୀ ଉପଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।

■ ୨ଶହ ବର୍ଷର ପ୍ରଥା, ଲୋକ ବିଶ୍ୱାସ

# କୋଠାଘରେ ପକାଯାଉନି ଛାତ

(ଜୟଗୋପାଳ ଷଡଙ୍ଗୀ)
ଆଠମଲ୍ଲିକ, ୨୭।୮

ମା' ଜଗିଛନ୍ତି ଗାଁ। ତାଙ୍କ ଆଦେଶକୁ ଅଣଦେଖା କଲେ ମାଡ଼ିଆସିବ ରୋଗ, ଦୁଃଖ। ପୁରୁଷ ପୁରୁଷ ଧରି ରହି ଆସିଥିବା ଏହି ବିଶ୍ୱାସ, ପ୍ରଥା, ପରମ୍ପରା ଏବେ ବି ଅତୁଟ ରହିଛି ଆଠମଲ୍ଲିକ ବ୍ଲକ କନ୍ଧପଡା ପଞ୍ଚାୟତର ବେଲାଦୁଲା ଓ ଫକୀରପୁର ଗ୍ରାମରେ। ଅତୀତର ଅନେକ ଅଘଟଣ ଏହି ବିଶ୍ୱାସ ସହ ଯୋଡ଼ି ହୋଇଥିବାରୁ ଗାଁର କେହି ବି କୋଠାଘରେ ଛାତ ପକାଇ ନାହାନ୍ତି। ଖାସ୍ ଏହି କାରଣରୁ ସରକାରୀ ଯୋଜନା ସ୍ୱଚ୍ଛ ଭାରତ ମିଶନ, ଇନ୍ଦିରା ଆବାସ, ବିଜୁ ପକ୍କାଘର ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏଠାରେ କାର୍ଯ୍ୟକାରୀ ହୋଇପାରୁନି। ଯେଉଁ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ହେଉଛି ସେଥିରେ ଟାଇଲ କିମ୍ବା ଆଜବେଷ୍ଟସ ପକାଯାଉଛି। ଏ ସମ୍ପର୍କରେ ଜାଣିଥିଲେ ବି କିଛି କରିପାରୁନି ପ୍ରଶାସନ ବରଂ ୨ଶହ ବର୍ଷର ଏହି ବିଶ୍ୱାସ ସହ ସାଲିସ କରି ଛାତ ବିହୀନ ଯୋଜନା କାର୍ଯ୍ୟକାରୀ କରିବାକୁ ଜଣାଇ ଦେଇଛି ସରକାରଙ୍କୁ।

■ ମା' ଖପ୍ପା ହେବେ ବୋଲି ଭୟ କରୁଛନ୍ତି ଗ୍ରାମବାସୀ
■ ଲୋକଙ୍କ ଧାରଣା, ମାଡ଼ିଆସିବ ରୋଗ, ଦୁଃଖ
■ ସ୍କୁଲ, ଅଙ୍ଗନୱାଡ଼ି କେନ୍ଦ୍ରରେ ଟାଇଲ ଛପର
■ ହୋଇପାରୁନି ଇନ୍ଦିରା ଆବାସ, ବିଜୁ ପକ୍କାଘର, ପାଇଖାନା ନିର୍ମାଣ
■ ସରକାରଙ୍କୁ ଜଣାଇ ନିର୍ଦ୍ଦେଶକୁ ଅପେକ୍ଷା କରିଛି ଆଠମଲ୍ଲିକ ପ୍ରଶାସନ


ଗାଁରେ ଥିବା କୋଠାଘର ଗୁଡ଼ିକରେ ଛାତ ବଦଳରେ ଟାଇଲ ଓ ଆଜବେଷ୍ଟସ ପକାଯାଇଛି।

ବେଲାଦୁଲା ଗାଁ ଦେଇ ଏକ ପାହାଡି ନାଳ ମହାନଦୀରେ ମିଶିଛି। ଠିକ୍ ମୁହାଣ ନିକଟରେ ରାଜା ରାଜୁଡା ଅମଳରୁ ଏକ ଫାସି ଗଛ ରହିଛି। ଉକ୍ତ ଗଛ ମୂଳରେ ମା' ରକ୍ତମାଉଳୀଙ୍କୁ ଦୁଇ ଗ୍ରାମବାସୀ ପୂଜା କରି ଆସୁଛନ୍ତି। ପ୍ରତି ଗୁରୁବାର କ୍ଷୀର, ନଡ଼ିଆ ଭୋଗ ଲଗାଯାଏ। ମାର୍ଗଶୀର ଗୁରୁବାରରେ କୁକୁଡା, ନଡିଆ ଦେଇ ସ୍ୱତନ୍ତ୍ର ପୂଜା କରାଯାଇଥାଏ। ମା' ସମସ୍ତଙ୍କ ମନସ୍କାମନା ପୂରଣ କରୁଥିବା ବିଶ୍ୱାସ ଥିବାରୁ ବହୁ ଦୂର ଦୂରାନ୍ତରୁ ଭକ୍ତମାନେ ଏଠାକୁ ଆସିଥାନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଦେହୁରୀଙ୍କୁ ମା' ରକ୍ତମାଉଳୀ କହିଥିଲେ, ମୋତେ ଛାତ ଘରେ ପୂଜା କରିବ ନାହିଁ କି ଏ ଗାଁରେ କେହି ଛାତ ଘର କରିବ ନାହିଁ। ମା'ଙ୍କ ଉକ୍ତ ଆଦେଶକୁ ମାନି ସେତେବେଳେ ମାଟିଘରକୁ ମଧ୍ୟ ଆଟୁ କରାଯାଉ ନ ଥିଲା। ସେହି ପ୍ରଥା ଏଯାଏ ବଳବତ୍ତର ରହି ଆସିଛି। କେହି ବି ଏଯାଏ କୋଠାଘରେ ଛାତ ପକାଇ ନାହାନ୍ତି। ବେଲାଦୁଲା ଓ ଫକୀରପୁରକୁ ରକ୍ତ ମାଉଳୀ ମାଟିର ଗାଁ ବୋଲି କୁହାଯାଉ ଥିବାରୁ ସରକାରୀ ସ୍ତରରେ ନିର୍ମାଣ କରାଯାଉଥିବା ସ୍କୁଲ, ଅଙ୍ଗନୱାଡି, କୋଠଘର, ଆଦିରେ ଛାତ ପକାଯାଉ ନାହିଁ। ଏହି ବିଶ୍ୱାସ କାରଣରୁ ସରକାରଙ୍କ ଇନ୍ଦିରା ଆବାସ, ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆଦି କାର୍ଯ୍ୟକାରୀ ହୋଇପାରୁ ନାହିଁ। ଏପରି କି ସ୍ୱଚ୍ଛ ଭାରତ ମିଶନରେ ପାଇଖାନା ଉପରେ ମଧ୍ୟ ଛାତ ପକାଇବାକୁ ଲୋକେ ଭୟ କରୁଛନ୍ତି। ଫଳରେ ଉକ୍ତ ଯୋଜନାରୁ ଗ୍ରାମବାସୀ ବଞ୍ଚିତ ହେଉଛନ୍ତି।

### ମହାବନ୍ୟାରେ ବି ପାଣି ପଶି ନ ଥିଲା


"ମା' ମାଉଳୀଙ୍କୁ ବାପ ଅଜା ଅମଳରୁ ମାନି ଆସୁଛୁ। ଗାଁକୁ ସେ ଘଣ୍ଟ ଘୋଡାଇ ରଖିଛନ୍ତି। ବଡ଼ ବଡ଼ ବନ୍ୟା, ବାତ୍ୟାରେ ବି ବିଶେଷ କ୍ଷତି ହୋଇନି ଗ୍ରାମର। ଏମିତି କି ୧୯୮୨ ମହାବନ୍ୟା ବେଳେ ମହାନଦୀଠାରୁ ମାତ୍ର ୫ଶହ ମିଟର ଦୂରରେ ଥିବା ବେଲାଦୁଲା ଗ୍ରାମ ଭିତରକୁ ପାଣି ପଶିପାରି ନ ଥିଲା।
–ଜଗଦାନନ୍ଦ ମେହେର, ଗ୍ରାମବାସୀ


"ମା'ଙ୍କ ମହିମା ଅପାର। ତାଙ୍କୁ ଦୂରଦୂରାନ୍ତ ଲୋକମାନେ ମଧ୍ୟ ମାନନ୍ତି। ମାର୍ଗଶୀର ମାସରେ ସ୍ୱତନ୍ତ୍ର ପୂଜା ପାଇଁ ପଡ଼ୋଶୀ ଜିଲା ବୌଦ୍ଧ, ସୋନପୁର ଆଦିରୁ ଅନେକ ଭକ୍ତ ଆସନ୍ତି। ୨୦୦ ବର୍ଷ ହେବ କେହି କୋଠା ଘରେ ଛାତ ପକାଇ ନାହାନ୍ତି। ଯିଏ ଏହାକୁ ଅମାନ୍ୟ କରିବାର ଉଦ୍ୟମ କରିଛି ତା'ର କ୍ଷତି ହୋଇଛି।
–ଧରଣୀଧର ମେହେର, ଗ୍ରାମବାସୀ


"୨୦୦୫-୦୬ରେ ସ୍କୁଲ ପାଇଖାନା ଘରେ ଛାତ ପକାଯାଇଥିଲା। ଏହାର କିଛି ଦିନ ପରେ ଗ୍ରାମର ଗଦାଧର ଝାଙ୍କରଙ୍କ ଅକାଳ ମୃତ୍ୟୁ ଘଟିଲା। ପ୍ରଧାନ ଶିକ୍ଷକଙ୍କୁ ମଧ୍ୟ ରୋଗ ଗ୍ରାସିଲା। ସେବେଠାରୁ ଭୟରେ ଆଉ କେହି ବି ମା'ଙ୍କ ଆଦେଶ ଟାଳିବାକୁ ସାହସ ଜୁଟାଇ ନାହାନ୍ତି।
–ପ୍ରତାପ ମେହେର, ଉପଦେଷ୍ଟା, ମା' ମାଉଳୀ ଯୁବକ ସଂଘ


"କାହାରି ଧର୍ମୀୟ ଭାବନାକୁ ଆଘାତ ପହଞ୍ଚାଇବାକୁ ଚାହେଁ ନାହିଁ। ତଥାପି ଲୋକମାନେ ଏପରି ବିଶ୍ୱାସରୁ ଦୂରେଇ ରହିବା ଉଚିତ। ଉଭୟ ଗ୍ରାମବାସୀ ସରକାରୀ ଯୋଜନାର ଭରପୁର ଫାଇଦା ନିଅନ୍ତୁ। ଗ୍ରାମବାସୀଙ୍କ ନିବେଦନ କ୍ରମେ ଛାତ ନ ପକାଇ ଯୋଜନାରେ ଗୃହ ନିର୍ମାଣ କରିବା ସମ୍ପର୍କରେ ସରକାରଙ୍କୁ ଜଣାଇ ଦିଆଯାଇଛି। ଏ ନେଇ ସରକାରୀ ନିର୍ଦ୍ଦେଶକୁ ଅପେକ୍ଷା କରିଛୁ।
–ସୁବାସ ଚନ୍ଦ୍ର ରାୟ, ଉପଜିଲାପାଳ, ଆଠମଲ୍ଲିକ

## ଜ୍ଞାନ ବିଜ୍ଞାନ ମେଳା ପ୍ରତିଭା ଉନ୍ମୋଚନର ପ୍ରକୃଷ୍ଟ ମାଧ୍ୟମ


ବିଦ୍ୟାଳୟରେ ଅତିଥିମାନେ ଯୋଗ ଦେଇଛନ୍ତି।

ଅନୁଗୋଳ ଅଫିସ, ୨୭।୮

ଓପି ଜିନ୍ଦଲ ସ୍କୁଲ ଅନୁଗୋଳର ବାର୍ଷିକ ଜ୍ଞାନ ବିଜ୍ଞାନ ମେଳା ଓ ପ୍ରଦର୍ଶନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ଇଂଲିଶ, ହିନ୍ଦୀ, ଓଡ଼ିଆ, ସଂସ୍କୃତ, ଇତିହାସ, ଭୂଗୋଳ, ଗଣିତ, ବିଜ୍ଞାନ, ଚିତ୍ରକଳା, ସଙ୍ଗୀତ, ବାଦ୍ୟ ଓ କ୍ରୀଡ଼ା ଆଦି ବିଷୟରେ ମୋଟ ୧୪୦ ପ୍ରକଳ୍ପରେ ଷଷ୍ଠ ଶ୍ରେଣୀଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରୁଥିବା ୨୭୨ ପ୍ରତିଯୋଗୀ ଅଂଶଗ୍ରହଣ କରି ସେମାନଙ୍କ ସୃଜନୀ ଶକ୍ତିର ପ୍ରଦର୍ଶନ କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅନୁଗୋଳ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା ଓ ବିଦ୍ୟାଳୟ ଅଧ୍ୟକ୍ଷ ଛନ୍ଦାଚରଣ ଦାଶ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ଲୁକ୍‌ୟିତ ପ୍ରତିଭା ଉନ୍ମୋଚନର ଏହା ଏକ ପ୍ରକୃଷ୍ଟ ମାଧ୍ୟମ ବୋଲି ପ୍ରକାଶ କରିଥିଲେ। ଏହି ପ୍ରଦର୍ଶନୀ ଅବସରରେ ଓପି ଜିନ୍ଦଲ ସ୍କୁଲର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକ ଗଣ ପ୍ରକଳ୍ପ ନିର୍ମାତାମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିବା ବେଳେ ସଙ୍ଗୀତା ଶର୍ମା ପରିଚାଳନା କରିଥିଲେ।

### ବେଆଇନ ମାଙ୍କଡ଼ା ପଥର ଖଣି ଉଚ୍ଛେଦ ଦାବି

ହିନ୍ଦୋଳ, ୨୭।୮ (ଡି.ଏନ.ଏ.)

ହିନ୍ଦୋଳ ବ୍ଲକ କୁରୁଣିଆଁ ଗ୍ରାମରେ ଏକ ମାଙ୍କଡା ପଥର ଖଣିକୁ ତୁରନ୍ତ ଉଚ୍ଛେଦ କରିବା ପାଇଁ ସୋମବାର ଗ୍ରାମବାସୀ ତହସିଲଦାରଙ୍କ ନିକଟରେ ଦାବି କରିଛନ୍ତି। ଅଭିଯୋଗ ମୁତାବକ, ଗ୍ରାମର ଦୁଇ ଜଣ ଦୀର୍ଘ ବର୍ଷ ଧରି ବେଆଇନ ଭାବେ ସରକାରୀ ଜମିରୁ ମାଙ୍କଡା ପଥର ଉତ୍ତୋଳନ କରି ବାହାରେ ବିକ୍ରି କରୁଛନ୍ତି। ଫଳରେ ଗ୍ରାମ ପରିବେଶ ନଷ୍ଟ ହେବା ସହ ସରକାର ରାଜସ୍ୱ ହରାଉଛନ୍ତି। ତୁରନ୍ତ ଏହାକୁ ବନ୍ଦ କରିଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିମନ୍ୟୁ ବିଶ୍ୱାଳ, ଶରତ ସାହୁ, କୁମୁଦ ସାହୁ, ସାରଙ୍ଗଧର ବିଶ୍ୱାଳ, ପୁରୁଷୋତ୍ତମ ବିଶ୍ୱାଳ, କାହ୍ନୁଚରଣ ସାହୁ, ସୁଦାମ ସାହୁ, କୃପାସିନ୍ଧୁ ବିଶ୍ୱାଳ, ଶ୍ରୀନିବାସ ସାହୁ, ବିକ୍ରମ ସାହୁ ପ୍ରମୁଖ ଦାବି କରିଛନ୍ତି। ଖୁବଶୀଘ୍ର ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତହସିଲଦାର ଅଜୟ କୁମାର ମଲ୍ଲିକ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

### ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ dklselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



### ସେଲ୍‌ଫି କର୍ନର




@ ସଂଗ୍ରାମ


@ ସଞ୍ଜୟ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | dklselfie@gmail.com (ବଛା ବଛା ସେଲ୍‌ଫି ପ୍ରକାଶ ପାଇବ)

## ଫଟୋରେ ଖବର


ଢେଙ୍କାନାଳ ସଦର ବ୍ଲକ ବେଲଟିକିରି ଅଞ୍ଚଳରୁ ସୋମବାର ପୂର୍ବାହ୍ନରେ ଏକ ୪ଫୁଟର ନାଗ ସାପକୁ ସ୍ନେକ୍ ହେଲପ ଲାଇନର ସଦସ୍ୟ ଶେଖ୍ ଲାଲୁ ଉଦ୍ଧାର କରିଛନ୍ତି।

## ଅଲଟ୍ରାସାଉଣ୍ଡ କ୍ଲିନିକରେ ମାଗଣାରେ ପରୀକ୍ଷା

ଅନୁଗୋଳ ଅଫିସ, ୨୭।୮

ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ସୋମବାର ପୂର୍ବାହ୍ନରେ ଏକ ନୂତନ ଅଲଟ୍ରାସାଉଣ୍ଡ କ୍ଲିନିକକୁ ଜିଲାପାଳ ଅନିଲ କୁମାର ସାମଲ ଉଦ୍‌ଘାଟନ କରିଛନ୍ତି। ଜିଲା ଖଣିଜ ପାଣ୍ଠିରୁ ୧୬ ଲକ୍ଷ ୮୦ ହଜାର ଟଙ୍କା ବ୍ୟୟରେ ପ୍ରତିଷ୍ଠା ହୋଇଥିବା ଏହି କ୍ଲିନିକରେ ଗର୍ଭବତୀ ମହିଳାମାନେ ସ୍ୱାସ୍ଥ୍ୟ ପରୀକ୍ଷା କରିପାରିବେ। ପୂର୍ବରୁ ଏଥିପାଇଁ ଗର୍ଭବତୀଙ୍କୁ ବିଭିନ୍ନ ଘରୋଇ କ୍ଲିନିକ୍‌କୁ ଯାଇ ଖର୍ଚ୍ଚାନ୍ତ ହେବାକୁ ପଡୁଥିଲା। ଏହାର ପରିଚାଳନା ଦାୟିତ୍ୱରେ ଅବସରପ୍ରାପ୍ତ ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. କିଶୋର ଚନ୍ଦ୍ର ମହାପାତ୍ରଙ୍କୁ ଚୁକ୍ତିଭିତ୍ତିରେ ନିଯୁକ୍ତି ଦିଆଯାଇଛି। ମା ଓ ଶିଶୁ ମୃତ୍ୟୁହାର ରୋକିବା ପାଇଁ ଗର୍ଭବତୀ ମହିଳାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଏଠାରେ ମାଗଣାରେ କରାଯିବ ବୋଲି ଜିଲାପାଳ ପ୍ରକାଶ କରିଥିଲେ। ପରେ ଜିଲାପାଳ କେନ୍ଦ୍ରୀୟ ଅକ୍ସିଜେନ୍ ଗ୍ୟାସ ବ୍ୟବସ୍ଥାକୁ ଉଦ୍‌ଘାଟନ କରିଥିଲେ। ଜିଲା ସ୍ୱାସ୍ଥ୍ୟ ସମିତି ଦ୍ୱାରା ଅତ୍ୟାଧୁନିକ ଉପାୟରେ ପାଇପ୍ ଯୋଗେ ରୋଗୀ ବେଡ୍ ନିକଟରେ ଏହା ଉପଲବ୍ଧ କରାଯାଇଛି। ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଜିଲା ସହ ସ୍ୱାସ୍ଥ୍ୟପରୀକ୍ଷା ଓ ଚିକିତ୍ସା କେନ୍ଦ୍ର (ଡିଇଆଇସି) କୁ ଜିଲାପାଳ ପରିଦର୍ଶନରେ ଯାଇ ଛୋଟ ପିଲାମାନଙ୍କ ମାନସିକ ଏବଂ ଶାରୀରିକ ଚିକିତ୍ସା ନିମନ୍ତେ ଉପଲବ୍ଧ ବିଭିନ୍ନ କାର୍ଯ୍ୟକ୍ରମ ବୁଲି ଦେଖିଥିଲେ। ଦାୟିତ୍ୱରେ ଥିବା ଯଶଶ୍ରୀ ଜେନା ଜିଲାପାଳଙ୍କୁ ଏହି କାର୍ଯ୍ୟକ୍ରମ ପରିଚାଳନା ସମ୍ପର୍କରେ ଅବଗତ କରିଥିଲେ। ଜିଲାପାଳଙ୍କ ଏହି ପରିଦର୍ଶନ ସମୟରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ରବିଚନ୍ଦ୍ର ଗଡ଼ନାୟକ, ଏଡିଏମ୍‌ଓ (ଜନସ୍ୱାସ୍ଥ୍ୟ) ଡା. ରାକେଶ କୁମାର ସାହୁ, ଆଡଭୋକେଟ ଭବାନୀ ପ୍ରସାଦ ମିଶ୍ର, ସ୍ୱେଚ୍ଛାସେବୀ କୁଞ୍ଜ ବିହାରୀ ଦାସ ଓ ପର୍ଶୁରାମ ଦାସଙ୍କ ସମେତ ଜିଲା ମୁଖ୍ୟ ଚିକିତ୍ସାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ।


ଜିଲା ମୁଖ୍ୟାଳୟରେ ଅଲଟ୍ରାସାଉଣ୍ଡ କ୍ଲିନିକ ଉଦ୍‌ଘାଟନ କରାଯାଉଛି।

## ଉଠା ଦୋକାନୀଙ୍କ କବ୍‌ଜାରେ ମେନ୍‌ଗେଟ୍ ଛକ

ବଆଁରପାଳ, ୨୭।୮ (ଡି.ଏନ.ଏ.)

ବଆଁରପାଳ ବ୍ଲକ ନାଲ୍‌କୋ ମେନ୍‌ଗେଟ୍ ଛକ ଜାତୀୟ ରାଜପଥ ପାର୍ଶ୍ୱରେ ବହୁ ଉଠା ଦୋକାନୀ ସେମାନଙ୍କ ଦୋକାନ ଖୋଲିଛନ୍ତି। ଏହି ଛକଠାରୁ ଟାଉନଶିପ୍ ଛକ ପର୍ଯ୍ୟନ୍ତ ବହୁ ପୂଜା ଦୋକାନ, ପରିବା, ଫଳ ଦୋକାନ ଓ ମାଛ ମାଂସ ଦୋକାନ ଖୋଲାଯାଇଛି। ଏଥିଯୋଗୁ ଏଥି ଯୋଗୁ ଅନେକ ସମୟରେ ରାସ୍ତା ଜାମ୍ ହୋଇ ଟ୍ରାଫିକ୍ ସମସ୍ୟା ଉପୁଜୁଛି। ଅନେକ ଲୋକ ରାସ୍ତା ଉପରେ ସେମାନଙ୍କ କାର୍, ବାଇକ୍ ରଖି ମାଛ, ମାଂସ ଆଦି କିଣୁଥିବାରୁ ଯାତାୟତରେ ଅସୁବିଧା ହେଉଛି। ଅନେକ ସମୟରେ ଦୁର୍ଘଟଣା ମଧ୍ୟ ଘଟୁଛି। ସେହିପରି ଦୋକାନୀମାନେ ମାଛ କାତି, କୁକୁଡା ପର ଆଦି ସହ ଅନ୍ୟାନ୍ୟ ଅଳିଆ ଆବର୍ଜନା ରାସ୍ତାକଡରେ ଫିଙ୍ଗିଦେଉଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ-ଅନୁଗୋଳ, ମଙ୍ଗଳବାର, ଅଗଷ୍ଟ ୨୮ /୨୦୧୮ Dhenkanal-Angul, Tuesday, August 28 / 2018

## ଆଜି କ'ଣ କେଉଁଠି

### ଛେଣ୍ଡିପଦା

- ମା' ରାମଚଣ୍ଡୀ ଠାକୁରାଣୀଙ୍କ ବାର୍ଷିକ ଯାତ୍ରା
ସ୍ଥାନ- ରାମଚଣ୍ଡୀ ମନ୍ଦିର, କୋଶଳା
ସମୟ-ସକାଳ ୬ ଟାରୁ।
- ଖୁମ୍ବେଶ୍ୱରୀ ଠାକୁରାଣୀଙ୍କ ବାର୍ଷିକ ଭାଦ୍ରବ ଯାତ୍ରା
ସ୍ଥାନ-ଖୁମ୍ବେଶ୍ୱରୀ ଦେବୀ ପୀଠ,ବଡହିସର(ଜରପଡା),
ସମୟ- ସକାଳ ୬ଟାରୁ।

## ମା' ବୁଢ଼ୀ ଠାକୁରାଣୀଙ୍କ ବାର୍ଷିକ ପୂଜା

ଅନୁଗୋଳ ଅଫିସ, ୨୭।୮- ଭାଦ୍ରବ ମାସ କୃଷ୍ଣପକ୍ଷ ଦ୍ୱିତୀୟା ତିଥି ମଙ୍ଗଳବାରରେ ଅନୁଗୋଳର ଗ୍ରାମଦେବୀ ମା' ବୁଢ଼ୀ ଠାକୁରାଣୀଙ୍କ ବାର୍ଷିକ ପୂଜା ଉତ୍ସବ ପାଳନ କରାଯିବ। ସକାଳେ ମା'ଙ୍କ ଆଳମ ଶୋଭାଯାତ୍ରା ହୁଲୁରିସିଂହାରୁ ବାହାରି ଅନୁଗୋଳ ସହର ପରିକ୍ରମା ପରେ ମା'ଙ୍କ ପୀଠରେ ପହଞ୍ଚିବେ। ସନ୍ଧ୍ୟାରେ ପ୍ରସାଦ ବିତରଣ, ଆଧାତ୍ମିକ, ସାଂସ୍କୃତିକ କାର୍ଯ୍ୟକ୍ରମ ମନ୍ଦିର ପରିସରରେ ଅନୁଷ୍ଠିତ ହେବ। ଏଥିରେ ବହୁସଂଖ୍ୟାରେ ଯୋଗଦେଇ ମା'ଙ୍କ ଆଶୀର୍ବାଦ ଲାଭ କରିବାକୁ ପୂଜକ କରୁଣାକର ଦେହୁରୀ, ଧରଣୀଧର ଦେହୁରୀ, ଅରୁଣ ଦେହୁରୀ ପ୍ରମୁଖ ନିବେଦନ କରିଛନ୍ତି।

# ଜୀବନବୀମାର ଉପଯୋଗିତା ଉପରେ ଗୁରୁତ୍ୱ



ଜୀବନବୀମା ଏଜେଣ୍ଟ ଆସୋସିଏଶନର ରୌପ୍ୟଜୟନ୍ତୀ ଉତ୍ସବ।

ଢେଙ୍କାନାଳ ଅଫିସ,୨୭।୮

ଭାରତୀୟ ଜୀବନବୀମା ନିଗମ ଢେଙ୍କାନାଳ ଶାଖାର ରୌପ୍ୟଜୟନ୍ତୀ ଉତ୍ସବ ସୋମବାର ସ୍ଥାନୀୟ ଗୋପବନ୍ଧୁ ଟାଉନହଲଠାରେ ପାଳିତ ହୋଇଯାଇଛି। ଢେଙ୍କାନାଳ ଶାଖା ଏଜେଣ୍ଟ ଆସୋସିଏଶନର ସଭାପତି ଉଦୟନାଥ ମହାନ୍ତିଙ୍କ ସଭାପତିତ୍ୱରେ ସର୍ବଭାରତୀୟ ଏଜେଣ୍ଟ ଆସୋସିଏଶନ ସଭାପତି ଏସ୍‌ବି ଶ୍ରୀନିବାସଚାରୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଗାମୀ ଦିନରେ ଏଜେଣ୍ଟମାନଙ୍କ ସୁବିଧା ସୁଯୋଗ ବିଷୟରେ ଆଲୋକପାତ କରିଥିଲେ। ସମ୍ପାଦକ ଶ୍ୟାମଳ ଚକ୍ରବର୍ତ୍ତୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜୀବନବୀମାର ଉପଯୋଗିତା ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବରେ କୋଷାଧ୍ୟକ୍ଷ ତପନ ପାଲ, ମହିଳା ସଶକ୍ତୀକରଣ ଅଧ୍ୟକ୍ଷା କେ. ଭଟ୍ଟାଚାର୍ଯ୍ୟ, ଡିଭିଜିନାଲ ସଭାପତି ସପନ ମହାନ୍ତି, ସମ୍ପାଦକ ଗାଙ୍ଗୁଲି ପଣ୍ଡା, ଢେଙ୍କାନାଳ ଶାଖା ମୁଖ୍ୟ ପ୍ରବନ୍ଧକ ଗଙ୍ଗାଧର ବେହେରା, ସର୍ବଭାରତୀୟ ସିଏଲ୍‌ଆଇଏର ଉପାଧ୍ୟକ୍ଷ ମନୋଜ ମହାନ୍ତି, ଜୋନ ସମ୍ପାଦକ ଜ୍ଞାନରଞ୍ଜନ ମହାନ୍ତି, ଢେଙ୍କାନାଳ ଶାଖା ସମ୍ପାଦକ ଅରୁଣ ସାହୁ ପ୍ରମୁଖ ଯୋଗଦେଇ ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ବ୍ରଜମୋହନ ସାହୁ ଅତିଥି ପରିଚୟ ଏବଂ ଗୋବିନ୍ଦ ଶତପଥୀ ଧନ୍ୟବାଦ ଦେଇଥିଲେ।

## ୪୨ ପ୍ରକଳ୍ପ ପ୍ରଦର୍ଶିତ

ପରଜଙ୍ଗ,୨୭।୮(ଡି.ଏନ.ଏ.)

ପରଜଙ୍ଗ ବ୍ଲକ କନ୍ଦରସିଂହା ସରସ୍ୱତୀ ଶିଶୁ ମନ୍ଦିରରେ ସୋମବାର ସଙ୍କୁଳସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଏଥିରେ ସରାଙ୍ଗ, ପରଜଙ୍ଗ, ଚଟକାପଶି, ସାଆନ୍ଦା, ଗଡ଼ ପଳାଶୁଣି, କନ୍ଦରସିଂହା ଶିଶୁମନ୍ଦିରର ୧୫୪ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ୪୨ଟି ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ହରିହର ଦେହୁରୀ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସଞ୍ଜୟ କୁମାର ମିଶ୍ର ଯୋଗ ଦେଇଥିଲେ। କନ୍ଦରସିଂହା କଳ୍ପତରୁ ବିଶ୍ୱାଳ, ସିଆରସିସି ପ୍ରଦୀପ କୁମାର ସେଠୀ, ସଙ୍କୁଳ ସଂଯୋଜକ ପ୍ରଶାନ୍ତ କୁମାର ଦେହୁରୀ, ପ୍ରଧାନ ଆଚାର୍ଯ୍ୟ ସୁମନ୍ତ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ବିଚାରକ ଭାବେ ତ୍ରିନାଥ ବିଶ୍ୱାଳ, ରମେଶ ସାହୁ, ସରୋଜ ବିଶ୍ୱାଳ, ଗିରିଷ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଅଧାପକ ବିଶ୍ୱନାଥ ଦାସ, ସମ୍ପାଦକ କୃତୀବାସ ମୁଦୁଲି, ସଭାପତି ତ୍ରିନାଥ ବିଶ୍ୱାଳ, କୋଷାଧ୍ୟକ୍ଷ ଉପସ୍ଥିତ ଥିଲେ। କ୍ଷୀରୋଦ ସାହୁ, ନଗେନ୍ଦ୍ର ନାୟକ, କରୁଣାକର ଖମ୍ବ ସହଯୋଗ କରିଥିଲେ।












Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ